ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକୋତ୍ତର କାର୍ଯ୍ୟକ୍ରମ

ପାଠ୍ୟକ୍ରମ -୧୨
ଓଡ଼ିଆ ଭାଷା ଅଧ୍ୟୟନ

ବ୍ଲକ୍

## ୨ ଓଡ଼ିଆ ଶବ୍ଦ ଭଣ୍ଡାର

ପ୍ରଥମ ଏକକ
ତତ୍ସମ, ତଦ୍‌ଭବ, ଦେଶଜ ଓ ବୈଦେଶିକ ଶବ୍ଦ

ଦ୍ୱିତୀୟ ଏକକ
ଓଡ଼ିଆ ଶବ୍ଦ-ଗଠନସୂତ୍ର

ତୃତୀୟ ଏକକ
ଓଡ଼ିଆ ଏକାର୍ଥବୋଧକ ଶବ୍ଦ, ବିପରୀତାର୍ଥବୋଧକ ଶବ୍ଦ, ଓଡ଼ିଆ ଯୁଗ୍ମ ଶବ୍ଦ

ଚତୁର୍ଥ ଏକକ
ଓଡ଼ିଆ ସମୋଚ୍ଚାରିତ ଶବ୍ଦ ଓ ଭିନ୍ନାର୍ଥବୋଧକ ଶବ୍ଦ

## ବିଶେଷଜ୍ଞ ପରିଷଦ

**ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ**
ଅଧ୍ୟକ୍ଷ
ପ୍ରତିଷ୍ଠାତା ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମହୀଶୁର ।

**ଡକ୍ଟର (ଶ୍ରୀମତୀ) ସଂଘମିତ୍ରା ମିଶ୍ର**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

**ଡକ୍ଟର ବିଜୟ କୁମାର ମହାନ୍ତି**
ସଦସ୍ୟ
ଅବସରପ୍ରାପ୍ତ ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର ।

**ଡକ୍ଟର ବସନ୍ତ କୁମାର ପଣ୍ଡା**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ।

**ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର,ବୁର୍ଲା ।

**ଡକ୍ଟର ଅନାଦି ଚରଣ ଗାଁଣ**
ସଦସ୍ୟ
ପ୍ରଫେସର ଓ ବିଭାଗ ମୁଖ୍ୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, କେନ୍ଦୁଝର କ୍ୟାମ୍ପସ, କେନ୍ଦୁଝର ।

**ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା**
ସଦସ୍ୟ
ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର ।

**ଡକ୍ଟର ଦିଲ୍ଲୀପ କୁମାର ନାୟକ**
ଆବାହକ
ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା ।

ଲେଖକ : **ଡକ୍ଟର ହରପ୍ରସାଦ ମିଶ୍ର**, ଅବସରପ୍ରାପ୍ତ ସହଯୋଗୀ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ

ଡ଼ି .ଟି .ପି : **ସୁଚିତ୍ରା ରାୟ**

ପ୍ରଚ୍ଛଦ ଓ ଅଳଙ୍କରଣ : **ଲିପିନା ସାହୁ** , ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

*ପ୍ରକାଶକ*

**ଡକ୍ଟର ଜୟନ୍ତ କରଶର୍ମା**
କୁଳସଚିବ
*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*

© OSOU, 2019. ***Odia Bhasa Adhayan*** is made available under Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ
# ତତ୍ସମ, ତଦ୍‌ଭବ, ଦେଶଜ ଓ ବୈଦେଶିକ ଶବ୍ଦ

**ବିଷୟ ଗଠନ :**

୧.୧ ପଠନର ଉଦ୍ଦେଶ୍ୟ
୧.୨ ଶିକ୍ଷଣୀୟ ବିଷୟ
୧.୩ ବିଷୟ ପରିଚୟ
୧.୪ ତତ୍ସମ ଶବ୍ଦ
୧.୫ ତଦ୍‌ଭବ ଶବ୍ଦ
୧.୬ ଦେଶଜ ଶବ୍ଦ
୧.୭ ବୈଦେଶିକ ଶବ୍ଦ
୧.୮ ଆତ୍ମପରୀକ୍ଷଣ ଶବ୍ଦାବଳୀ
୧.୯ ସହାୟକ ଗ୍ରନ୍ଥସୂଚୀ

## ୧.୧ ପଠନର ଉଦ୍ଦେଶ୍ୟ

ଏହି ଏକକର ଅଧ୍ୟୟନ ଶେଷରେ ଶିକ୍ଷାର୍ଥୀମାନେ ଜାଣିବାକୁ ପାଇବେ -

- ଓଡିଆ ଶବ୍ଦ-ଭଣ୍ଡାର ଅନ୍ତର୍ଗତ ଶବ୍ଦ ସମୁଦାୟର ପୂର୍ଣ୍ଣ ପରିଚୟ।
- ମୌଳିକ ପର୍ଯ୍ୟାୟ ଅନ୍ତର୍ଗତ ତତ୍ସମ, ତଦ୍‌ଭବ ଓ ଦେଶଜ ଶବ୍ଦଗୁଡ଼ିକର ରୂପଗତ ସ୍ୱାତନ୍ତ୍ର୍ୟର ପୂର୍ଣ୍ଣ ପରିଚୟ।
- ବୈଦେଶିକ ପର୍ଯ୍ୟାୟଭୁକ୍ତ ଶବ୍ଦଗୁଡ଼ିକର ମୂଳଉତ୍ସ ସହ ସେସବୁର ପୂର୍ଣ୍ଣ ପରିଚୟ।

## ୧.୨ ଶିକ୍ଷଣୀୟ ବିଷୟ

ଏହି ଏକକଟିରୁ ଶିକ୍ଷାର୍ଥୀମାନେ ନିମ୍ନଲିଖିତ ଜ୍ଞାନ ଆହରଣ କରିପାରିବେ।

- ଓଡିଆ ଶବ୍ଦ-ଭଣ୍ଡାରର ନିଜସ୍ୱ ରୂପରେଖ ସଂପର୍କିତ ପରିଚୟ।
- ମୌଳିକ ପର୍ଯ୍ୟାୟଭୁକ୍ତ ତତ୍ସମ, ତଦ୍‌ଭବ ଓ ଦେଶଜ ପର୍ଯ୍ୟାୟଭୁକ୍ତ ଶବ୍ଦଗୁଡ଼ିକର ସ୍ୱରୂପଗତ ପରିଚୟ।
- ବୈଦେଶିକ ଶବ୍ଦଗୁଡ଼ିକର ଆହରଣଗତ ମୂଳଉତ୍ସ ଦୃଷ୍ଟିରୁ ଯାବନିକ (ଅର୍ଥାତ୍ ପାର୍ସୀ-ଆରବୀ-ତୁର୍କୀ) ଓ ୟୁରୋପୀୟ(ଅର୍ଥାତ୍ ପର୍ତ୍ତୁଗୀଜ୍-ଇଂରାଜୀ ପ୍ରଭୃତି) ଭେଦରେ ସ୍ୱତନ୍ତ୍ର ରୂପଗତ ପରିଚୟ।

## ୧.୩ ବିଷୟ ପରିଚୟ

ଓଡିଆ, ଭାରତର ସମ୍ବିଧାନସ୍ୱୀକୃତ ୨୨ଟି ଭାଷାରୁ ଅନ୍ୟତମ ଏକ ସାମ୍ବିଧାନିକ ଭାଷା ତଥା ଓଡ଼ିଶା ରାଜ୍ୟର ଜାତୀୟ ସରକାରୀ ଭାଷା। ଏହା ସମଗ୍ର ପୂର୍ବଭାରତୀୟ ଆଧୁନିକ ଆର୍ଯ୍ୟାଭାଷାଗୁଡ଼ିକ ମଧ୍ୟରେ ସର୍ବପ୍ରଥମ 'ଶାସ୍ତ୍ରୀୟ ଭାଷା' ଭାବେ କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୧୪ ମସିହା ମାର୍ଚ୍ଚ ମାସ ୧୧ ତାରିଖ ଦିନ ସ୍ୱୀକୃତିଲାଭ କରିବାକୁ ସମର୍ଥ ହୋଇଅଛି।

ବିଶ୍ୱର ଅଧିକାଂଶ ପ୍ରତିଷ୍ଠିତ ଭାଷାକୁ ଅନୁଧ୍ୟାନ କଲେ, ତାହା ଶୁଦ୍ଧ ବା ଅବିମିଶ୍ର ନଥିବା ସହଜରେ ଜଣା ପଡ଼ିଥାଏ। ପୃଥିବୀର ଅଧିକାଂଶ ପ୍ରତିଷ୍ଠିତ ଭାଷା ନିଜର ଆହରଣ-ଦକ୍ଷତା ବଳରେ ବାହାର ଭାଷାରୁ ନିଜ ନିଜ ଆବଶ୍ୟକତାନୁସାରେ ବିଭିନ୍ନ ଶବ୍ଦ ଆହରଣ କରି ସମୃଦ୍ଧ ହୋଇଥିବା ଲକ୍ଷ୍ୟ କରାଯାଏ। ଅଧୁନା ସମଗ୍ର ପୃଥିବୀରେ ସବୁଠାରୁ ଅଧିକ ଆଦୃତ ତଥା ପ୍ରଭାବଶାଳୀ ଭାଷା ଭାବେ ପ୍ରତିଷ୍ଠା ଲାଭ କରିଥିବା ଇଂରାଜୀ ଭାଷା ଶବ୍ଦଭଣ୍ଡାରକୁ ଅନୁଧ୍ୟାନ କଲେ, ଏହାର ସତ୍ୟତା ସ୍ପଷ୍ଟ ଅନୁଭୂତ ହୋଇଥାଏ। ଇଂରାଜୀ ଭାଷାର ଶବ୍ଦଭଣ୍ଡାରକୁ ଅନୁଧ୍ୟାନ କଲେ, ଏଥିରେ ଶତକଡ଼ା ୫୩ ଶବ୍ଦ ରୋମାନ୍ ଭାଷାର, ଶତକଡା ୩୧ ଶବ୍ଦ ଟ୍ୟୁଟନିକ୍ ଭାଷାର ଓ ଶତକଡା ୧୦ ଶବ୍ଦ ଗ୍ରୀକ୍ ଭାଷାର ବୋଲି ସ୍ପଷ୍ଟ ଭାବେ ଜଣାପଡ଼ିଥାଏ। (ଦ୍ରଷ୍ଟବ୍ୟ: ଧଳ ଗୋଲୋକବିହାରୀ, ୧୯୭୦, ମଣିଷର ଭାଷା, ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍, କଟକ, ପୃ.୫୯)।

ଅଧୁନା ଭାରତ ବର୍ଷରେ ପ୍ରଚଳିତ ଥିବା 'ହିନ୍ଦୀ' ଓ 'ବଙ୍ଗଳା' ପ୍ରଭୃତି ବିଭିନ୍ନ ପ୍ରତିଷ୍ଠିତ ଆଧୁନିକ ଭାରତୀୟ ଭାଷାଗୁଡ଼ିକ ପରି ଓଡିଆ ଭାଷା ମଧ୍ୟ ନିଜର ଆହରଣ-ଦକ୍ଷତା ବଳରେ ନିଜକୁ ଅନ୍ୟତମ ପ୍ରତିଷ୍ଠିତ ଭାଷା ଭାବେ ସୁପ୍ରତିଷ୍ଠିତ କରାଇବାରେ ସମର୍ଥ ହୋଇପାରିଥିବା ଦେଖିବାକୁ ମିଳୁଅଛି। 'ଉଡ୍ରଜା ପ୍ରାକୃତ' ବା 'ଔଡ୍ରୀ ଅପଭ୍ରଂଶ'ରୁ ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ବର୍ଷ ବ୍ୟାପୀ ବିବର୍ତ୍ତନର ପଥ ମଧ୍ୟଦେଇ ଗତିଶୀଳ ହୋଇ ଓଡିଆ ଭାଷା ଆଜିର ରୂପରେ ନିଜକୁ ପ୍ରତିଷ୍ଠିତ କରିପାରିଛି। ଏ ସଂପର୍କରେ ବିଶିଷ୍ଟ ଭାଷାବିତ୍ ଡକ୍ଟର ଖଗେଶ୍ୱର ମହାପାତ୍ର ଯଥାର୍ଥ ମତ ଦେଇ କହିଛନ୍ତି – "ଆଧୁନିକ ଓଡ଼ିଆ ଭାଷାର ବିବର୍ତ୍ତନ କେବଳ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା ସୂତ୍ରରୁ ଉତ୍ସାରିତ ଗୋଟିଏ ଲୌକିକ ବାଣୀର ଅବିମିଶ୍ର ଏକକ ପ୍ରବାହ ନୁହେଁ, ଏଥିରେ ବିଭିନ୍ନ ସୂତ୍ରରୁ ପ୍ରବାହିତ ବିବିଧ ବାଗ୍‌ଧାରାର ମହାସଙ୍ଗମ ସଂଘଟିତ ହୋଇଥିଲା। ଓଡ଼ିଆ ଭାଷାର ମୌଳିକ ଆର୍ଯ୍ୟପ୍ରକୃତି ଏହିସବୁ ଆର୍ଯ୍ୟେତର ଭାଷାର ପ୍ରଭାବରେ ନାନା ଭାବରେ ପ୍ରଭାବିତ ହୋଇଥିଲା।" (ଦ୍ରଷ୍ଟବ୍ୟ: ମହାପାତ୍ର ଖଗେଶ୍ୱର, ୧୯୭୭, ଓଡ଼ିଆ ଲିପି ଓ ଭାଷା, ଗ୍ରନ୍ଥ ମନ୍ଦିର, କଟକ, ପୃ.୬)।

ଔଡ୍ରୀ ଅପଭ୍ରଂଶର ଅଭ୍ୟୁଦୟ କାଳରୁ ଉତ୍କଳର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ରାଜତ୍ୱର ଶେଷ ପାଦ ପର୍ଯ୍ୟନ୍ତ ଅର୍ଥାତ୍ ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଆ ଭାଷା, ଦ୍ରାବିଡ଼ ଭାଷାଗୁଡ଼ିକର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥିଲା। ସେହିପରି ଅଷ୍ଟ୍ରିକ୍ ବା ମୁଣ୍ଡା ପରିବାରଭୁକ୍ତ ବିଭିନ୍ନ ଆଦିବାସୀ ଭାଷାଭାଷୀ ଜନସାଧାରଣ ବହୁ ପ୍ରାଚୀନ କାଳରୁ ଓଡ଼ିଶାରେ ବସବାସ କରି ରହି ଆସିଥିବାରୁ, ସେମାନଙ୍କ କଥିତ ଭାଷା ସହ ଓଡିଆ ଭାଷାର ଘନିଷ୍ଠ ତଥା ପ୍ରତ୍ୟକ୍ଷ ସଂପର୍କ ପ୍ରତିଷ୍ଠିତ ହୋଇଥିଲା। ଏହାଛଡ଼ା ଷୋଡ଼ଶ ଶତାବ୍ଦୀ ଅର୍ଥାତ୍ ୧୫୬୮ ଖ୍ରୀଷ୍ଟାବ୍ଦରୁ ଇଂରେଜମାନଙ୍କ ଓଡ଼ିଶା ଅଧିକାର ଅର୍ଥାତ୍ ୧୮୦୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଆ ଭାଷୀ ସହିତ ଆଉ ଏକ

ଅଭାରତୀୟ ଭାଷାସ୍ରୋତ ଅର୍ଥାତ୍ ଯାବନିକ ଭାଷାର ମହାସଂଗମ ଘଟିଥିଲା। ଏହାବ୍ୟତୀତ ବିଭିନ୍ନ ୟୁରୋପୀୟ ଜାତିମାନଙ୍କର ବାଣିଜ୍ୟ କାରବାର ଉଦ୍ଦେଶ୍ୟରେ ଉତ୍କଳାଭିଗମନ ଫଳରେ ଓଡିଆ ଭାଷା ବିଭିନ୍ନ ୟୁରୋପୀୟ ଭାଷାଗୁଡ଼ିକର ନିବିଡ଼ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଥିଲା। ଏହି ୟୁରୋପୀୟ ଭାଷାଗୁଡ଼ିକ ମଧ୍ୟରେ ପର୍ତ୍ତୁଗୀଜ୍, ଦିନାମାର, ଡଚ୍ ଓ ଇଂରାଜୀ ପ୍ରଭୃତି ଅନ୍ୟତମ ଥିଲା। ଏସବୁ ୟୁରୋପାଗତ ଭାଷାଗୁଡ଼ିକର ପ୍ରଭାବ ମଧ୍ୟ ଓଡ଼ିଆ ଭାଷା ଉପରେ ଅନୁଭୂତ ହେଉଥିବା ଦେଖିବାକୁ ମିଳିଥାଏ। ତେବେ ଦ୍ରାବିଡ଼ ଭାଷାର ବ୍ୟାପକ ପ୍ରଭାବ ଫଳରେ ଓଡିଆ ଭାଷାର ପ୍ରାଚୀନ ରୂପ ଓ ଇଂରାଜୀ ଭାଷାର ଗଭୀର ତଥା ସୁଦୂରପ୍ରସାରୀ ପ୍ରଭାବ ଫଳରେ ଓଡ଼ିଆ ଭାଷାର ଆଧୁନିକ ରୂପ ବିଶେଷ ଭାବେ ପରିବର୍ତ୍ତିତ ଅର୍ଥାତ୍ ବଦଳିଯାଇଥିବା ସହଜରେ ବାରିହୋଇ ପଡିଥାଏ। ଏ ସଂପର୍କରେ ବିଶିଷ୍ଟ ଭାଷାବିତ୍ ଡକ୍ଟର ଖଗେଶ୍ୱର ମହାପାତ୍ର ଯଥାର୍ଥ ମତଦେଇ କହିଛନ୍ତି- "ଓଡିଆ ଭାଷାର ପ୍ରାଚୀନ ରୂପରେ ଦ୍ରାବିଡ଼ ଭାଷାର ଓ ଆଧୁନିକ ରୂପରେ ଇଂରାଜୀ ଭାଷାର ପ୍ରଭାବ - ଦ୍ୱିବିଧ ବଳିଷ୍ଠ ବହିଃପ୍ରଭାବ ଭାବରେ ଗ୍ରହଣୀୟ। ଆଧୁନିକ ଓଡ଼ିଆ ଭାଷାର ସ୍ୱରୂପ ଏହି ପ୍ରଭାବର ପରିଣତି।" (ଦ୍ରଷ୍ଟବ୍ୟ: ମହାପାତ୍ର ଖଗେଶ୍ୱର, ୧୯୭୭, ଓଡିଆ ଲିପି ଓ ଭାଷା, ଗ୍ରନ୍ଥମନ୍ଦିର, କଟକ, ପୃ.୩)। ଅତଏବ ଆଧୁନିକ ଓଡ଼ିଆ ଭାଷା, ବିଶେଷ କରି ବର୍ତ୍ତମାନ ପରିଲକ୍ଷିତ ଏହାର ସମୃଦ୍ଧ ଶବ୍ଦଭଣ୍ଡାର ଉପଯ୍ୟୁକ୍ତ ବିଭିନ୍ନ ସ୍ୱଦେଶୀ ବା ଭାରତୀୟ ତଥା ବିଦେଶୀ ବା ଅଭାରତୀୟ ଭାଷାଗୁଡ଼ିକର ପ୍ରତ୍ୟକ୍ଷ ପ୍ରଭାବ-ସଂଜାତ ପରିଣତି ଭିନ୍ନ ଅନ୍ୟ କିଛି ନୁହେଁ ବୋଲି ନିର୍ଦ୍ଦିଷ୍ଟ ଭାବେ କୁହାଯାଇପାରେ।

ଓଡିଆ ଶବ୍ଦ ଭଣ୍ଡାର ଅନ୍ତର୍ଗତ ଶବ୍ଦସମବାୟକୁ ସେସବୁର ଐତିହାସିକ ଆଗମ ବା ମୂଳଉତ୍ସ ଦୃଷ୍ଟିରୁ ନିମ୍ନଲିଖିତ ବିଭିନ୍ନ ଶ୍ରେଣୀର ଅନ୍ତର୍ଭୁକ୍ତ କରି ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରାଯାଇପାରେ। ଯଥା-

## ୧.୪ ତତ୍ସମ ଶବ୍ଦ

ଅଧିକାଂଶ ନବୀନ ବା ଆଧୁନିକ ଭାରତୀୟ ଆର୍ଯ୍ୟଭାଷାଗୁଡ଼ିକ ପରି ଓଡ଼ିଆରେ ମଧ୍ୟ ସଂସ୍କୃତ ଭାଷାର ବହୁଶବ୍ଦ ମୂଳରୂପରେ ପ୍ରବେଶ ଅଧିକାର ଲାଭକରି ବ୍ୟବହୃତ ହେଉଥିବା ଦେଖିବାକୁ ମିଳିଥାଏ। ଏହି ଶ୍ରେଣୀର ଶବ୍ଦଗୁଡ଼ିକୁ 'ତତ୍ସମ ଶବ୍ଦ' ରୂପେ ଅଭିହିତ କରାଯାଇଥାଏ। 'ତତ୍ସମ'ର ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି - 'ତତ୍+ସମ', ଅର୍ଥାତ୍ 'ତାହା ପରି'। ଏଠାରେ 'ତାହାର' ଅର୍ଥ 'ସଂସ୍କୃତ'। ସୁତରାଂ ସଂସ୍କୃତ ସମାନ ବା ସଂସ୍କୃତ ପରି ଶବ୍ଦହିଁ 'ତତ୍ସମ' ପଦବାଚ୍ୟ। ଓଡ଼ିଆରେ ଯେଉଁ ସଂସ୍କୃତ ଶବ୍ଦଗୁଡ଼ିକ ଅବିକଳ ରୂପରେ ବ୍ୟବହୃତ; ଅନ୍ୟ ଭାବରେ କହିଲେ- ସଂସ୍କୃତ ଭାଷାରେ ଯେଉଁ ଶବ୍ଦଗୁଡ଼ିକ ମୂଳ ଅର୍ଥ ଓ ବନାନ ସହ ଅବିକଳ ରୂପରେ ଓଡିଆ ଭାଷାରେ ପ୍ରଚଳିତ, ତାହାକୁ 'ତତ୍ସମ'ଶ୍ରେଣୀର ଶବ୍ଦରୂପେ ଚିହ୍ନିତ କରାଯାଏ।ତତ୍ସମ' ପର୍ଯ୍ୟାୟର ଶବ୍ଦଗୁଡ଼ିକୁ 'ସାଧୁ ଶବ୍ଦ' ଭାବେ ମଧ୍ୟ ଅଭିହିତ କରାଯାଏ। 'ତତ୍ସମ' ଶ୍ରେଣୀର ଶବ୍ଦଗୁଡ଼ିକ 'ସାଧୁ ଶବ୍ଦ' ଭାବେ ଅଭିହିତ କରାଯିବାର ଅସଲ ତାତ୍ପର୍ଯ୍ୟ ହେଲା ଯେ, ଏଗୁଡ଼ିକ ଶହ ଶହ ବର୍ଷ ଧରି ମୂଳ ରୂପରେ ଅର୍ଥାତ୍ ବିଶୁଦ୍ଧ ରୂପରେ ହିଁ ବ୍ୟବହୃତ ହୋଇ ଆସୁଛନ୍ତି। ଶହ ଶହ ବର୍ଷର ବ୍ୟବଧାନ ପରେ ମଧ୍ୟ ଏହି ଶ୍ରେଣୀର ଶବ୍ଦଗୁଡ଼ିକରେ କୌଣସି ପ୍ରକାର ବିକୃତି ପରିଲକ୍ଷିତ ହୋଇନାହିଁ। ଏଠାରେ ସୂଚନା ଦେବା ପ୍ରାସଙ୍ଗିକ ହେବ ଯେ, ଆମ୍‌ସ ସଟନ୍ ସାହେବ ୧୮୪୪ ମସିହାରେ ଓଡିଆ ତତ୍ସମ ଶବ୍ଦଗୁଡିକର ସଂଗ୍ରହ ପୂର୍ବକ ଯେଉଁ ଅଭିଧାନ ଗ୍ରନ୍ଥଟିଏ ପ୍ରଣୟନ କରିଥିଲେ; ତାହାକୁ

'ସାଧୁ ଭାଷାର୍ଥାଭିଧାନ' ନାମରେ 'ଓଡିଶା ମିଶନ୍ ପ୍ରେସ୍'ରୁ ମୁଦ୍ରିତ କରି ପ୍ରକାଶ କରିଥିଲେ। ଏଥିରେ ଓଡିଆ ଭାଷାରେ ବ୍ୟବହୃତ ହେଉଥିବା ମୋଟ୍ ୭୮୮୩ଟି 'ତତ୍ସମ' ବା ସାଧୁ ଶ୍ରେଣୀର ଶବ୍ଦ, ସେସବୁର ବ୍ୟାବହାରିକ ଅର୍ଥସହ ସଂକଳିତ ହୋଇଥିବା ଦେଖିବାକୁ ମିଳେ।

ଓଡିଆ ଭାଷାରେ ବ୍ୟବହୃତ କେତେକ 'ତତ୍ସମ ଶବ୍ଦର' ଦୃଷ୍ଟାନ୍ତ ନିମ୍ନରେ ଉପସ୍ଥାପନା କରାଗଲା। ଯଥା-

ଅଗ୍ନି, ଅଜ୍ଞ, ଅନଳ, ଅଭିଜ୍ଞ, ଅମୃତ, ଅରଣ୍ୟ, ଆକାଶ, ଆଶ୍ରମ, ଇଷ୍ଟ, ଉଗ୍ର, ଉଜ୍ଜ୍ୱଳ, ଉତ୍କର୍ଷ, ଉତ୍ତପ୍ତ, ଉତ୍ତର, ଉତ୍ତାପ, ଊର୍ଦ୍ଧ୍ୱ, ଋତୁ, ଋଷି, ଏକାଗ୍ର, ଐଶ୍ୱର୍ଯ୍ୟ, ଓଷ୍ଠ, ଔଷଧ, କଦମ୍ବ, କର୍ପୂର, କୀର୍ତ୍ତି, କୁଟିର, କୁମୁଦ, କୁସୁମ, କୃତଜ୍ଞ, କେଦାର, କୈବଲ୍ୟ, କୋକିଳ, ଖାଦ୍ୟ, ଖ୍ୟାତି, ଗନ୍ଧ, ଗୃହ, ଗ୍ରନ୍ଥ, ଗ୍ରାମ, ଘୃତ, ଚନ୍ଦନ, ଚନ୍ଦ୍ର, ଚର୍ମ, ଚିତ୍ର, ଛିଦ୍ର, ଜ୍ୟେଷ୍ଠ, ଜ୍ୟୋତ୍ସ୍ନା, ଝଙ୍କାର, ଟିପ୍ପଣୀ, ଡିଣ୍ଡିମ, ତଣ୍ଡୁଳ, ତଥ୍ୟ, ତପସ୍ୟା, ତର୍ପଣ, ତୈଳ, ଦର୍ଶନ, ଦକ୍ଷିଣା, ଦାରିଦ୍ର୍ୟ, ଦୁର୍ଗମ, ଦୁଶ୍ଚିନ୍ତା, ଦେବତା, ଧୂପ, ଧ୍ୟାନ, ଧ୍ୱନି, ନର୍ତ୍ତକୀ, ନାବ, ନୃତ୍ୟ, ନ୍ୟାୟ, ପଣ୍ଡିତ, ପଥ, ପଥିକ, ପଦ୍ମ, ପର୍ବତ, ପୁଣ୍ୟ, ପୁରାଣ, ପୁଷ୍ପ, ପୁସ୍ତକ, ପ୍ରକୃତି, ପ୍ରତିଜ୍ଞା, ପ୍ରଦୋଷ, ପ୍ରବାଳ, ପ୍ରାର୍ଥନା, ଫଳ, ବନ୍ଧନ, ବ୍ରାହ୍ମଣ, ଭକ୍ତ, ଭଜନ, ଭୂଷଣ, ଭୋଜନ, ଭ୍ରମର, ମଣ୍ଡପ, ମନୁଷ୍ୟ, ମନ୍ତ୍ର, ମରଣ, ମହିମା, ମିତ୍ର, ମୁକ୍ତି, ମୃଗ, ଯଜ୍ଞ, ଯାତ୍ରା, ଯୋଗ, ରତ୍ନ, ରଶ୍ମି, ରାତ୍ରି, ରୋଗ, ଲାବଣ୍ୟ, ଲୁଣ୍ଠନ, ବସ୍ତ୍ର, ବହ୍ନି, ବାତ୍ସଲ୍ୟ, ବିଜୟ, ବିଦ୍ୟା, ବିଭବ, ବିଭୂତି, ବିବାଦ, ବିବୃତି, ବୃଦ୍ଧ, ବୃକ୍ଷ, ବ୍ରତ, ଶବ୍ଦ, ଶସ୍ୟ, ଶାସ୍ତ୍ର, ଶ୍ମଶାନ, ଷଟ୍ପଦ, ସଂଗ୍ରାମ, ସଂସାର, ସଜ୍ଜନ, ସନ୍ତାନ, ସନ୍ଦେଶ, ସନ୍ଦେହ, ସନ୍ନ୍ୟାସୀ, ସଭ୍ୟ, ସମର, ସମାଜ, ସମାଧି, ସମ୍ବନ୍ଧ, ସମ୍ବଳ, ସମ୍ବାଦ, ସମ୍ମାନ, ସର୍ପ, ସାଗର, ସାରଥି, ସୂର୍ଯ୍ୟ, ସୃଷ୍ଟି, ସ୍ତୁତି, ସ୍ନାନ, ସ୍ୱର, ସ୍ୱର୍ଣ୍ଣ, ସ୍ରଷ୍ଟା, ହତ୍ୟା, ହସ୍ତୀ, ହ୍ରଦ, କ୍ଷମା, କ୍ଷୀର, କ୍ଷୁଧା, କ୍ଷେତ୍ର ଇତ୍ୟାଦି।

## ୧.୫ ତଦ୍ଭବ ଶବ୍ଦ

'ତଦ୍‌ଭବ'/ 'ତଦ୍ଭବ'ର ବ୍ୟୁତ୍ପତ୍ତିଗତ ଅର୍ଥ ହେଲା – 'ତଦ୍' ଅର୍ଥାତ୍ 'ତହିଁରୁ', 'ଭବ' ଅର୍ଥାତ 'ଜାତ' ବା 'ଉତ୍ପନ୍ନ'। ସୁତରାଂ ଯେଉଁ ଶବ୍ଦଗୁଡ଼ିକ 'ସଂସ୍କୃତ'ରୁ 'ଜାତ' ଅର୍ଥାତ୍ ଉତ୍ପନ୍ନ, ତାହାକୁ 'ତଦ୍ଭବ' କୁହାଯାଏ। ଓଡିଆ ଭାଷାରେ ବ୍ୟବହୃତ ଶହ ଶହ ଶବ୍ଦର ମୂଳ ସଂସ୍କୃତ ଭାଷାରୁ ନିର୍ଦ୍ଧାରିତ ହୋଇପାରୁଅଛି। ଏହି ପର୍ଯ୍ୟାୟର ଶବ୍ଦଗୁଡ଼ିକ ମୂଳ-ସଂସ୍କୃତରୁ ପ୍ରାକୃତ ଓ ଅପଭ୍ରଂଶ ବାଟ ଦେଇ ପରିବର୍ତ୍ତିତ ରୂପରେ ଓଡ଼ିଆକୁ ଆସି ବ୍ୟବହୃତ ହେଉଛନ୍ତି। କାଳଗତ ବ୍ୟବଧାନରେ ଅର୍ଥାତ୍ ସମୟ ସ୍ରୋତରେ ମୂଳ ସଂସ୍କୃତ ଭାଷାର ଅନେକ ଶବ୍ଦ ପରିବର୍ତ୍ତିତ ଅର୍ଥାତ୍ କ୍ଷୟପ୍ରାପ୍ତ ହୋଇ ଭିନ୍ନ ରୂପ ପରିଗ୍ରହ ପୂର୍ବକ ଓଡିଆ ଭାଷାରେ ଅଧୁନା ବ୍ୟବହୃତ ହେଉଅଛନ୍ତି। ଏହି ଶ୍ରେଣୀର ଶବ୍ଦଗୁଡ଼ିକୁ 'ତଦ୍‌ଭବ' ନାମରେ ଅଭିହିତ କରାଯାଏ। ଓଡିଆ ଭାଷରେ ବ୍ୟବହୃତ 'ତଦ୍‌ଭବ' ଶବ୍ଦଗୁଡିକୁ ଏହି ଭାଷାର ଯଥାର୍ଥ ମୂଳପିଣ୍ଡ ଭାବେ ଗ୍ରହଣ କରାଯାଉଛି।

ଓଡିଆ ଭାଷାରେ ବ୍ୟବହୃତ ବହୁ 'ତଦ୍‌ଭବ' ଶବ୍ଦକୁ ସଂଗ୍ରହ କରି ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଏଗୁଡ଼ିକର ମୂଳଉତ୍ସ ସହ 'ମୂଳଶବ୍ଦ-ବୋଧିକା' ଶୀର୍ଷକ ସ୍ୱତନ୍ତ୍ର ଗ୍ରନ୍ଥମାଧ୍ୟମରେ ୧୯୦୧ ମସିହାରେ ପ୍ରକାଶ କରିଥିଲେ। ଏଥିରେ ମୋଟ୍ ୧୯୮୩ଟି 'ତଦ୍‌ଭବ ଶବ୍ଦ' ସେସବୁର ମୂଳଉତ୍ସ ସହ ସଂକଳିତ ହୋଇ ପ୍ରଥମେ ପ୍ରକାଶ ପାଇଥିବା ଦେଖିବାକୁ ମିଳେ।

ଓଡିଆ ଭାଷାରେ ବ୍ୟବହୃତ କେତେକ 'ତଦ୍‌ଭବ' ଶବ୍ଦର ଦୃଷ୍ଟାନ୍ତ ମୂଳ ସଂସ୍କୃତ ଶବ୍ଦ ସହ ନିମ୍ନରେ ଅବତାରଣା କରାଗଲା।

ଅଗ (ଅଗ୍ର), ଅଦା (ଆର୍ଦ୍ରକ), ଆଖୁ (ଇକ୍ଷୁ), ଆମ୍ବ (ଆମ୍ର), ଇଟା (ଇଷ୍ଟକ), ଉପାସ (ଉପବାସ), ଓହଳ (ଅବରୋହ), କଅଁଳ (କୋମଳ), କତୁରୀ (କର୍ତ୍ତରୀ), କମାର (କର୍ମକାର), କାନ (କର୍ଣ୍ଣ), କାମ (କର୍ମ), କିଆରି (କେଦାର), କୁଡିଆ (କୁଟିର), କୁମ୍ଭାର (କୁମ୍ଭକାର), କେଉଟ (କୈବର୍ତ୍ତ), ଖଣତି (ଖନିତ୍ର), ଗଈଷ (ଗୋଗୀର୍ଷ), ଗଣ୍ଠି (ଗ୍ରନ୍ଥି), ଗହମ (ଗୋଧୂମ), ଗାତ, (ଗର୍ତ୍ତ), ଗାମୁଛା (ଗାତ୍ର ପ୍ରୋଞ୍ଛକ), ଘରଣୀ (ଗୃହିଣୀ), ଘୋଡା (ଘୋଟକ), ଚଅଁର (ଚାମର), ଚକ (ଚକ୍ର), ଚମ (ଚର୍ମ), ଚାଉଳ (ତଣ୍ଡୁଳ), ଚାନ୍ଦ (ଚନ୍ଦ୍ର), ଚ଼ାଲୁଣୀ (ଚ଼ାଳନୀ), ଚୁଡା (ଚିପୀଟକ), ଚୂନା (ଚୂର୍ଣ୍ଣକ), ଛତା (ଛତ୍ର), ଛାମୁଣ୍ଡିଆ (ଛାୟାଣ୍ଡପିକା), ଜହ୍ନ (ଜ୍ୟୋସ୍ନା), ଝିଅ (ଦୁହିତା), ତମ୍ବା (ତାମ୍ର), ତେଲ, (ତୈଳ), ଦହି (ଦଧି), ଦୁଧ (ଦୁଗ୍ଧ), ଦେଉଳ (ଦେବକୂଳ), ଧୂଆଁ (ଧୂମ୍ର), ନଅର (ନଗର), ନାଚ (ନୃତ୍ୟ), ନେଉଳ (ନକୁଳ), ପଇତା (ଉପବୀତ), ପଘା (ପଗ୍ରହ), ପାଇକ (ପଦାତିକ), ପିଠା (ପିଷ୍ଟକ), ପୁଅ (ପୁତ୍ର), ପୁନିଅଁ (ପୁର୍ଣ୍ଣିମା), ପେଜ (ପେୟ), ପେଡି (ପେଟିକା), ପୋଖରୀ (ପୁଷ୍କରୀ), ପୋହଳା (ପ୍ରବାଳ), ବୋହୂ (ବଧୂ), ଭୂଇଁ (ଭୂମି), ମହୁ (ମଧୁ), ମାଙ୍କଡ (ମର୍କଟ), ମାଛ (ମସ୍ୟ), ମାଟି (ମୃତ୍ତିକା), ରୂପା (ରୌପ୍ୟ), ଲୁଣ (ଲବଣ), ଲିଆ (ଲାଜା), ଲୁହା (ଲୌହ), ବଢେଇ (ବର୍ଦ୍ଧକୀ), ବାଘ (ବ୍ୟାଘ୍ର), ବୁଢା (ବୃଦ୍ଧ), ବୋଇତ (ବହିତ୍ର), ଶିଘଂ (ଶୃଙ୍ଗ), ସାପ (ସର୍ପ), ସୁଆର (ସୁପକାର), ସୁନା (ସୁବର୍ଣ୍ଣ), ସୂତା (ସୂତ୍ର), ହାତୀ (ହସ୍ତୀ) ପ୍ରଭୃତି।

## ୧.୬ ଦେଶଜ ଶବ୍ଦ

ଓଡିଆ ଶବ୍ଦ ଭଣ୍ଡାର ଅନ୍ତର୍ଗତ ଯେଉଁ ଶବ୍ଦଗୁଡ଼ିକର ମୂଳ ସଂସ୍କୃତ କିମ୍ବା ସଂସ୍କୃତରୁ ବ୍ୟୁତ୍ପନ୍ନ ହୋଇଥିବା ପ୍ରାକୃତ ବା ଅପଭ୍ରଂଶ ଭାଷାଗୁଡ଼ିକରୁ ନିର୍ଦ୍ଧାରିତ ହୋଇପାରି ନାହିଁ, ସେଗୁଡ଼ିକୁ 'ଦେଶଜ ଶବ୍ଦ' ବୋଲି କୁହାଯାଏ।

'ଦେଶଜ'ର ବ୍ୟୁତ୍ପତ୍ତିଗତ ଅର୍ଥ ହେଲା - 'ଦେଶ+ଜ', ଅର୍ଥାତ୍ 'ଦେଶରୁ ଜାତ'। ସୁତରାଂ ଓଡିଆ ଭାଷାରେ ବ୍ୟବହୃତ ହେଉଥିବା 'ଦେଶଜ' ଶବ୍ଦଗୁଡିକର ମୂଳ ପ୍ରାଚୀନ କିମ୍ବା ମଧ ଭାରତୀୟ ଆର୍ଯ୍ୟଭାଷାଗୁଡିକରେ ଅନୁପଲବ୍‌ଧ ହେବା ଏକାନ୍ତ ଯୁକ୍ତିଯୁକ୍ତ। ତେବେ ଏହି 'ଦେଶଜ' ଶବ୍ଦଗୁଡ଼ିକ ମଧରୁ ଯେଉଁ ଶବ୍ଦଗୁଡ଼ିକର ମୂଳ ବିଭିନ୍ନ ଆର୍ଯ୍ୟେତର ଭାରତୀୟ ଭାଷା ଅଥାତ୍ ଅଷ୍ଟ୍ରିକ୍ ବା ଦ୍ରାବିଡ଼ ପରିବାର ଅନ୍ତର୍ଗତ ବିଭିନ୍ନ ଭାଷାରେ ଉପଲବ୍‌ଧ ହୋଇଥାଏ, ସେଗୁଡ଼ିକୁ 'ବ୍ୟୁତ୍ପନ୍ନ ଦେଶଜ' ଶବ୍ଦ ଓ ଯେଉଁ ଶବ୍ଦଗୁଡିକର ମୂଳ ଅଦ୍ୟାବଧି ନିର୍ଣ୍ଣିତ ହୋଇପାରିନାହିଁ; ସେଗୁଡିକୁ 'ଅବ୍ୟୁତ୍ପନ୍ନ ଦେଶଜ' ଶବ୍ଦ ଭାବେ ଅଭିହିତ କରାଯାଏ। ଏ ଉଭୟ ପର୍ଯ୍ୟାୟଭୁକ୍ତ ଦେଶଜ ଶବ୍ଦଗୁଡିକୁ ନିମ୍ନରେ ସ୍ୱତନ୍ତ୍ର ଭାବେ ଅବତାରଣା କରାଗଲା। ଯଥା -

**୧. ବ୍ୟୁତ୍ପନ୍ନ ଦେଶଜ ଶବ୍ଦ**

(୧) **ଦ୍ରାବିଡ ମୂଳ:** ଓଡିଶାରେ ବିଭିନ୍ନ କାରଣରୁ ଦ୍ରାବିଡ ଭାଷାଭାଷୀ ଲୋକଙ୍କର ବହୁ ପ୍ରାଚୀନ କାଳରୁ ସମାଗମ ଘଟିବା ସହ ସେମାନଙ୍କ ଭାଷା ସହ ଓଡିଆ ଭାଷାର ପ୍ରତ୍ୟକ୍ଷ ସଂସର୍ଗ କାରଣରୁ ସେମାନଙ୍କ

ଭାଷାରୁ କେତେକ ଶବ୍ଦ ଓଡିଆ ଭାଷାରେ ମିଶିଥିବା ସ୍ୱାଭାବିକ୍ । ଏହି ସୂତ୍ରରୁ ଓଡିଆରେ ଗୃହୀତ ହୋଇଥିବା ଶବ୍ଦଗୁଡିକୁ 'ବ୍ୟୁତ୍ପନ୍ନ ଦେଶଜ' ଶବ୍ଦ କୁହାଯାଏ । କାରଣ ଓଡିଆ ଦେଶଜ ଶବ୍ଦଗୁଡିକ ମଧ୍ୟରୁ କେତେକର ମୂଳ ଦ୍ରାବିଡ ଭାଷାରୁ ନିର୍ଦ୍ଧାରିତ ହୋଇପାରିଥାଏ । ଏହି ପର୍ଯ୍ୟାୟର କେତେକ ଦେଶଜ ଶବ୍ଦର ଦୃଷ୍ଟାନ୍ତ ସେସବୁର ମୂଳଉତ୍ସ ସହ ନିମ୍ନରେ ଅବତାରଣା କରାଗଲା । ଯଥା – ଅଗାଡି (ତେଲୁଗୁ), ଆଟିକା (ତେଲୁଗୁ), ଆରିସା (ତାମିଲ୍), ଏଣ୍ଡୁରି (ତେଲୁଗୁ), କୁଡୁଆ (ତେଲୁଗୁ), କୋଇଲି (ତାମିଲ୍) ଗିନା (ତେଲୁଗୁ), ଚାଞ୍ଚ (ତେଲୁଗୁ), ଚିତଉ (ତାମିଲ୍), ଡିବି (ତେଲୁଗୁ), ତୋଟା (ତାମିଲ୍), ତୋରାଣି (ତେଲୁଗୁ), ପିଲା (ତାମିଲ୍), ବାଡ଼ (ମାଲୟାଲାମ୍), ମାଳ (ତେଲୁଗୁ), ମେଡ଼ (ତେଲୁଗୁ) ପ୍ରଭୃତି ।

(୨) **ଆଦିବାସୀ ମୂଳ :** ଅଷ୍ଟିକ୍ ବା ମୁଣ୍ଡା ପରିବାରଭୁକ୍ତ ସାନ୍ତାଳ, ମୁଣ୍ଡା, ସଉରା, ହୋ ପ୍ରଭୃତି ବିଭିନ୍ନ ଆଦିବାସୀ ଜନଜାତିର ଲୋକମାନେ ବହୁ ପ୍ରାଚୀନ କାଳରୁ ଓଡିଶାରେ ସ୍ଥାୟୀଭାବେ ବସବାସ କରି ରହିଆସିଛନ୍ତି । ଏମାନଙ୍କ ଭାଷାଗୁଡିକର ପ୍ରତ୍ୟକ୍ଷ ସଂସର୍ଗ କାରଣରୁ ଏମାନଙ୍କ ଭାଷାଗୁଡିକରୁ କେତେକ ଶବ୍ଦ ଓଡିଆରେ ମିଶିଥିବା ସ୍ୱାଭାବିକ । ବିଭିନ୍ନ ଆଦିବାସୀ ଭାଷାଗୁଡିକ ସୂତ୍ରରୁ ଓଡିଆକୁ ଆସିଥିବା ବିଭିନ୍ନ ଶବ୍ଦଗୁଡିକୁ 'ବ୍ୟୁତ୍ପନ୍ନ ଦେଶଜ' ଶବ୍ଦ କୁହାଯାଏ । ଏହି ପର୍ଯ୍ୟାୟର କେତେକ ଦେଶଜ ଶବ୍ଦର ଦୃଷ୍ଟାନ୍ତ ସେସବୁର ମୂଳଉତ୍ସ ସହ ନିମ୍ନରେ ଅବତାରଣା କରାଗଲା । ଯଥା – ଅଝଟ (ସାନ୍ତାଳୀ), ଅରଣା (ସାନ୍ତାଳୀ), ଅଳନ୍ଧୁ (ସାନ୍ତାଳୀ), ଅସନା (ସାନ୍ତାଳୀ), କୁଣ୍ଢେଇ (ସଉରା), କୋଡି (ମୁଣ୍ଡାରୀ) ଗେଣ୍ଡା (ହୋ), ଘୁଷୁରି (ଗଣ୍ଡ), ଚାଉଳ (ମୁଣ୍ଡାରୀ), ଚାଳ (ସାନ୍ତାଳୀ), ଚିଗଗୁଣି (ସାନ୍ତାଳୀ), ଚୂଆ (ସାନ୍ତାଳୀ), ଚୂଟିଆ (ସାନ୍ତାଳୀ), ଟୋକେଇ (ସାନ୍ତାଳୀ), ଡ଼ାଳ (ସାନ୍ତାଳୀ), ଦାରୁ (ସାନ୍ତାଳୀ), ପେଡ଼ି (ହୋ), ବତା (ହୋ), ବନ୍‌ଶୀ (ହୋ), ବୋଦା (ହୋ), ମୋଟା (ମୁଣ୍ଡାରୀ), ସେଣି (ହୋ) ପ୍ରଭୃତି ।

## ୧.୭ ବୈଦେଶିକ ଶବ୍ଦ

ଓଡିଆ ଶବ୍ଦଭଣ୍ଡାରକୁ ବିଭିନ୍ନ ଅଭାରତୀୟ ବା ବିଦେଶୀ ଭାଷାସୂତ୍ରରୁ ଆସିଥିବା ବିଭିନ୍ନ ଶବ୍ଦଗୁଡ଼ିକୁ ବୈଦେଶିକ 'ଶବ୍ଦ' କୁହାଯାଏ । ଅଭାରତୀୟ ଭାଷାସୂତ୍ରରୁ ଆହରିତ ହୋଇଥିବା ଶବ୍ଦଗୁଡ଼ିକୁ ଆଗନ୍ତୁକ ବା ବୈଦେଶିକ ଶବ୍ଦ ଭାବରେ ଅଭିହିତ କରାଯାଏ । ଏହି ପର୍ଯ୍ୟାୟର ଆହୃତ ଶବ୍ଦଗୁଡ଼ିକୁ ସେସବୁର ମୂଳଉତ୍ସ ଦୃଷ୍ଟିରୁ ନିମ୍ନଲିଖିତ ଦୁଇଗୋଟି ସ୍ୱତନ୍ତ୍ର ଶ୍ରେଣୀର ଅନ୍ତର୍ଭୁକ୍ତ କରି ଦର୍ଶାଯାଇପାରେ । ଯଥା –

**କ) ଯାବନିକ ସୂତ୍ରରୁ ଗୃହୀତ ଶବ୍ଦାବଳୀ :** ଉତ୍କଳ ଦୀର୍ଘ ପ୍ରାୟ ୧୮୨ ବର୍ଷ ବ୍ୟାପୀ (୧୫୬୮ ରୁ ୧୭୫୧ଖ୍ରୀ.ଅ. ପର୍ଯ୍ୟନ୍ତ) ଯବନ ବା ମୁସଲମାନଙ୍କର ପ୍ରତ୍ୟକ୍ଷ ଶାସନାଧୀନରେ ରହି ଆସିଥିଲା । ୧୭୫୧ ଖ୍ରୀ.ଅ. ରେ ଉତ୍କଳର ଶାସନ ଭାର ମରହଟ୍ଟାମାନଙ୍କ ହାତକୁ ଚାଲିଯାଇଥିଲା ଏବଂ ମରହଟ୍ଟାମାନେ ଦୀର୍ଘ ପ୍ରାୟ ଅର୍ଦ୍ଧଶତାଧିକ ବର୍ଷ ବ୍ୟାପୀ (୧୭୫୧ ରୁ ୧୮୦୩ ଖ୍ରୀ.ଅ. ପର୍ଯ୍ୟାନ୍ତ)ଅର୍ଥାତ୍ ଉତ୍କଳରେ ଇଂରେଜମାନଙ୍କ ରାଜତ୍ୱ ପ୍ରତିଷ୍ଠା ପାଇବା (୧୮୦୩ ଖ୍ରୀ.ଅ.) ପର୍ଯ୍ୟନ୍ତ ଶାସନ କରିଥିଲେ । ଏହି ସମୟ – ଅବଧି ମଧ୍ୟରେ ଅର୍ଥାତ୍ ଷୋଡଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଊନବିଂଶ ଶତାବ୍ଦୀର ପ୍ରାରମ୍ଭକାଳ ପର୍ଯ୍ୟନ୍ତ ଉତ୍କଳରେ ମୁଖ୍ୟତଃ ଯାବନିକ ଭାଷା ଭାବେ 'ପାର୍ସୀ'ରେ ଓ ଗୌଣତଃ 'ଓଡିଆ'ରେ ଶାସନ କାର୍ଯ୍ୟ ପରିଚାଳିତ ହୋଇଥିଲା । ଏହି ଶାସନଗତ ସଂପର୍କ

କାରଣରୁ ଓଡ଼ିଆ ଭାଷା 'ପାର୍ସୀ'ରୁ ଏବଂ 'ପାର୍ସୀ ମାଧ୍ୟମରେ 'ଆରବୀ' ତଥା 'ତୁର୍କୀ' ଭାଷାରୁ ବହୁ ଶବ୍ଦ ଆହରଣ କରିବାର ସୁଯୋଗ ପାଇଥିଲା। ଓଡିଆ ଶବ୍ଦଭଣ୍ଡାରଅନ୍ତର୍ଗତ ଯାବନିକ ଭାଷାଗତ ଶବ୍ଦଗୁଡିକୁ ଆହରଣର ମୂଳଉତ୍ସ ଅନୁସାରେ ନିମ୍ନଲିଖିତ ସ୍ୱତନ୍ତ୍ର ଶ୍ରେଣୀଗୁଡ଼ିକର ଅନ୍ତର୍ଭୁକ୍ତ କରି ଦର୍ଶାଯାଇପାରେ। ଯଥା -

ପାର୍ସୀ - ମୂଳ: ଏହି ପର୍ଯ୍ୟାୟର ଶବ୍ଦଗୁଡ଼ିକ ମଧ୍ୟରେ ଅଙ୍ଗୁର, ଆଚାର, କଲମ, କାରିଗର, ଖୋସାମତ, ଚାମଚ, ଜମିଦାର, ତରଭୁଜ, ଦରଖାସ୍ତ, ନାଲିସ୍, ପୋଷାକ, ବଗିଚା, ବଜାର, ବଦମାସ, ମନ୍ଦୋବସ୍ତ, ବାଦାମ, ବେମାର, ମଇଦା, ରୋଜଗାର, ସର୍‌ବତ, ସହର, ହୁକା ପ୍ରଭୃତି ଅନ୍ୟତମ।

ଅରବୀ - ମୂଳ: ଓଡ଼ିଆ ଶବ୍ଦ-ଭଣ୍ଡାରରେ 'ପାର୍ସୀ' ସୂତ୍ରରୁ ଗୃହୀତ ହୋଇଥିବା ଆରବୀ ଶବ୍ଦଗୁଡିକ ମଧ୍ୟରେ ଅଦାଲତ, ଅମାନତ, ଆଇନ, ଓକିଲ, କାଗଜ, କାନୁନ୍, ଖବର, ଖରିଫ୍, ଖାରଜ୍, ଜବାବ, ଜାମିନ୍, ଜୁଲମ, ତହସିଲ, ତାରିଖ, ଦଖଲ, ଦଲାଲ୍, ଦଲିଲ୍, ଦୋକାନ, ଫସଲ, ମକଦ୍ଦମା, ମଞ୍ଜୁର, ମସଲା, ମାମଲା, ଲଫାପା, ସର୍‌ବତ, ସୈତାନ୍, ହୁକୁମ ପ୍ରଭୃତି ଅନ୍ୟତମ। ତୁର୍କୀ - ମୂଳ : 'ପାର୍ସୀ' ସୂତ୍ରରୁ ଓଡିଆରେ ଗୃହୀତ ହୋଇଥିବା ତୁର୍କୀ - ମୂଳ ଶବ୍ଦଗୁଡ଼ିକ ମଧ୍ୟରେ କଇଁଚି, କୁଲି, ଖର୍ଦ୍ଦି, ଚାଖୁ, ତୋପ, ବନ୍ଧୁକ, ବାରୁଦ, ଚାବୁକ୍ ସୁରାକ୍ ପ୍ରଭୃତି ଅନ୍ୟତମ।

**ଖ) ୟୁରୋପୀୟ ଭାଷାଗୁଡ଼ିକ ସୂତ୍ରରୁ ଗୃହୀତ ଶବ୍ଦାବଳୀ :** ୟୁରୋପୀୟ ଭାଷାଭାଷୀ ଜନସାଧାରଣଙ୍କ ସହ ଘନିଷ୍ଠ ସଂସର୍ଗ କାରଣରୁ ସେହିସବୁ ଭାଷାଗୁଡ଼ିକରୁ ଅନେକ ଶବ୍ଦ ଓଡିଆ ଭାଷାରେ ପ୍ରବେଶ-ଅଧିକାର ଲାଭ କରିବାକୁ ସୁଯୋଗ ପାଇଛନ୍ତି। ଏହି ୟୁରୋପୀୟ ଭାଷାଗୁଡ଼ିକ ମଧ୍ୟରୁ ଇଂରାଜୀରୁ ଓଡିଆ ଭାଷାକୁ ଆହରିତ ହୋଇ ବ୍ୟବହୃତ ହେଉଥିବା ଶବ୍ଦଗୁଡିକର ସଂଖ୍ୟା ସର୍ବାଧିକ। ଏହା ପଛକୁ ପର୍ତ୍ତୁଗୀଜ୍ ଭାଷାଗତ ଶବ୍ଦଗୁଡିକର ସଂଖ୍ୟା ପରିମାଣ ଦୃଷ୍ଟିରୁ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଛନ୍ତି। ଏହାଛଡା ଇରାଜୀ ସୂତ୍ରରୁ ଓଡିଆ ଭାଷା ମଧ୍ୟ ଅନ୍ୟ କେତେକ ଶବ୍ଦ ଅନ୍ୟାନ୍ୟ ୟୁରୋପୀୟ / ବିଦେଶୀ ଭାଷାଗୁଡ଼ିକରୁ ଆହରଣ କରିଥିବା ଦେଖିବାକୁ ମିଳିଅଛି। ନିମ୍ନରେ ବିଭିନ୍ନ ୟୁରୋପୀୟ ଭାଷାଗୁଡିକରୁ ଓଡିଆକୁ ଆହରିତ ହୋଇଥିବା ଏହି ଆଗନ୍ତୁକ ଶବ୍ଦଗୁଡିକୁ ସେସବୁର ମୂଳଉତ୍ସ ଅନୁସାରେ ନିମ୍ନରେ ସ୍ୱତନ୍ତ୍ର ଭାବେ ଅବତାରଣା କରାଗଲା। ଯଥା -

**୧. ପର୍ତ୍ତୁଗୀଜ ଶବ୍ଦାବଳୀ :** ଇଂରେଜମାନଙ୍କ ଉତ୍କଳାଭିଗମନ ପୂର୍ବରୁ ୟୁରୋପାଗତ ପ୍ରଥମ ବଣିକ ଜାତି ଭାବେ ପର୍ତ୍ତୁଗୀଜ୍ ମାନେ ଏହି ଭୂଖଣ୍ଡରେ ପଦପାତ କରି ବାଣିଜ୍ୟ କାରବାରରେ ଲିପ୍ତ ରହିଥିଲେ। ୧୫୧୪ ଖ୍ରୀଷ୍ଟାବ୍ଦରେ ପର୍ତ୍ତୁଗୀଜ୍ ବଣିକ ଦଳ ସର୍ବ ପ୍ରଥମେ ଉତ୍କଳରେ ପଦାର୍ପଣ କରି ତତ୍କାଳୀନ ଉତ୍କଳ ରାଜା ପ୍ରତାପରୁଦ୍ର ଦେବଙ୍କ ଅନୁମତି କ୍ରମେ ବାଲେଶ୍ୱର ଅନ୍ତର୍ଗତ ସୁବର୍ଣ୍ଣରେଖା ମୁହାଣର ନିକଟବର୍ତ୍ତୀ ପିପିଲି ନାମକ ସ୍ଥାନରେ ସେମାନଙ୍କ ପ୍ରଥମ ବାଣିଜ୍ୟକେନ୍ଦ୍ର ସ୍ଥାପନ କରିଥିଲେ। ପରେ ପରେ ସେମାନେ ଉତ୍କଳର ଉପକୂଳବର୍ତ୍ତୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ବାଣିଜ୍ୟ କୋଠିମାନ ପ୍ରତିଷ୍ଠା କରି ୧୬୩୩ ଖ୍ରୀଷ୍ଟାବ୍ଦ ଅର୍ଥାତ୍ ଇଂରେଜ ବଣିକମାନଙ୍କର ଉତ୍କଳାଭିଗମନ ପର୍ଯ୍ୟନ୍ତ ନିରଙ୍କୁଶ ବାଣିଜ୍ୟ କାରବାରରେ ଲିପ୍ତ ରହିଥିଲେ। ଦୀର୍ଘଦିନ ବ୍ୟାପୀ ଓଡିଶାବାସୀଙ୍କ ସହ ବାଣିଜ୍ୟିକ ସଂପର୍କ କାରଣରୁ ଓଡିଆ ଭାଷା ପର୍ତ୍ତୁଗୀଜ୍ ଭାଷାରୁ କେତେକ ଶବ୍ଦ ଆହରଣ କରିବାର ସୁଯୋଗ ପାଇଥିଲା। ବର୍ତ୍ତମାନ ଓଡିଆ ଶବ୍ଦଭଣ୍ଡାରରେ ପରିଲକ୍ଷିତ ପର୍ତ୍ତୁଗୀଜ୍ ଶବ୍ଦଗୁଡିକ ମଧ୍ୟରେ ନିମ୍ନକେତୋଟି ଶବ୍ଦ ଅନ୍ୟତମ।

ଯଥା -ଆତ, ଆଲ୍‌କାତାରା, ଆଲ୍‌ପିନ୍,ଆଲ୍‌ମାରି,ଇସ୍ତ୍ରି, ଇସ୍ପାତ୍, ଚାବି, ତଉଲିଆ, ଫିତା, ବଟକରା, ବାର୍ଣ୍ଣିସ୍, ବିସ୍କୁଟ୍, ବୋତଲ, ବୋତାମ, ମୋଜା, ମାର୍ବୁଲ୍,ସାଗୁ, ସାବୁନ୍, ସାୟା, ସାଲ୍‌ସା, ସୋଫା ପ୍ରଭୃତି ।

**୨. ଇଂରାଜୀ ଶବ୍ଦାବଳୀ :** ୧୮୦୩ ମସିହାରୁ ୧୯୪୭ ମସିହା ପର୍ଯ୍ୟନ୍ତ ଦୀର୍ଘ ପ୍ରାୟ ୧୪୫ ବର୍ଷ ଧରି ଓଡିଶାକୁ ଇଂରେଜମାନେ ଶାସନ କରିଥିଲେ । ଇଂରେଜମାନଙ୍କ ଶାସନ କାଳରେ ଶାସକର ଭାଷା 'ଇଂରାଜୀ' ସହିତ ଶାସିତର ଭାଷା 'ଓଡିଆ', ଘନିଷ୍ଠ ସଂସ୍ପର୍ଶରେ ଆସିଥିଲା । ସୁତରାଂ ରାଜନୈତିକ ସଂପର୍କ କାରଣରୁ ଓଡିଆ ଭାଷା ଉପରେ ଇଂରାଜୀ ଭାଷାର ଗଭୀର ପ୍ରଭାବ ଅନୁଭୂତ ହୋଇଥିଲା । ଆଧୁନିକ ଶିକ୍ଷାର ଦ୍ରୁତ ପ୍ରସାର ଘଟିବା କାରଣରୁ ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ନୂତନ ଯୁବଗୋଷ୍ଠୀ ପାଶ୍ଚାତ୍ୟ ସଭ୍ୟତା, ସଂସ୍କୃତି ସହ ପାଶ୍ଚାତ୍ୟ ଜଗତର ନୂତନ ଜ୍ଞାନ-ବିଜ୍ଞାନର ସଂସ୍ପର୍ଶରେ ଆସିଥିଲେ । ଏ ସବୁକୁ ମାତୃଭାଷା ଓଡିଆ ମାଧ୍ୟମରେ ଅଭିବ୍ୟକ୍ତ କରିବାକୁ ଯିବାବେଳେ, ଆବଶ୍ୟକ ଶବ୍ଦାବଳୀର ଅଭାବ କାରଣରୁ ଆବଶ୍ୟକତାନୁଯାୟୀ ଇଂରାଜୀରୁ ନୂଆନୂଆ ଶବ୍ଦ-ଆହରଣ କରିବାକୁ ବାଧ୍ୟ ହୋଇଥିଲେ । ଫଳରେ ନୂତନ ଜ୍ଞାନ-ବିଜ୍ଞାନ ସମ୍ବଳିତ ବିଭିନ୍ନ ଇଂରାଜୀ ଶବ୍ଦ ଓଡିଆ ଭାଷାରେ ପ୍ରବେଶ ଅଧିକାର ଲାଭକରିବାର ସୁଯୋଗ ପାଇଥିଲା । ସଂପ୍ରତି ବିଭିନ୍ନ କାରଣରୁ ଇଂରାଜୀ ଭାଷା ଉପରେ ନିର୍ଭରଶୀଳତା ବହୁ ମାତ୍ରାରେ ବୃଦ୍ଧି ପାଇବା ଦେଖିବାକୁ ମିଳୁଛି ଓ ଏହି ସୂତ୍ରରେ ନୂଆ ନୂଆ ଇଂରାଜୀ ଶବ୍ଦ ଆଧୁନିକ  ଓଡିଆ ଭାଷାକୁ ଆହରିତ ହେବାରେ ଲାଗିଛି । ଇଂରାଜୀରୁ ଆହରିତ ହୋଇ ଓଡିଆ ଭାଷାରେ ଅଧୁନା ବ୍ୟବହୃତ ହେଉଥିବା ବିଭିନ୍ନ ଶବ୍ଦର ଦୃଷ୍ଟାନ୍ତ ନିମ୍ନରେ ଅବତାରଣା କରାଗଲା । ଯଥା - ଅର୍ଜେଣ୍ଟ, ଅଡିଟ୍, ଅଡିଟୋରିୟମ୍, ଅଫିସ୍, ଆଡମିଶନ୍, ଆଲ୍‌ବମ୍, ଇଞ୍ଜିନ୍, ଇଞ୍ଜେକ୍‌ସନ୍, କଲେଜ୍, କଲେକ୍ଟର, କମ୍ପ୍ୟୁଟର୍, କ୍ରିକେଟ୍, ଡିଜେଲ୍, ନର୍ସ, ନୋଟିସ୍, ପାଇପ୍, ପେଟ୍ରୋଲ୍, ଟେଲିଭିଜନ୍, ପେନ୍‌ସନ, ପୋଲିସ୍, ପ୍ରଫେସର୍,ପ୍ରାଇଜ୍, ପେନ୍‌ସିଲ୍, ପ୍ଲାଷ୍ଟିକ୍, ଫର୍ଣ୍ଣିଚର୍, ଫାଇଲ୍, ଫିଲ୍‌ଟର୍, ବସ୍,ବେଞ୍ଚ, ବେଲ୍, ବ୍ଲାଉଜ୍,ଭୋଟ୍, ଭ୍ୟାନ୍, ମାର୍କେଟ, ମାଜିଷ୍ଟ୍ରେଟ୍, ମେଡାଲ, ମେଡିସିନ୍, ୟୁନିଅନ୍, ରିପୋର୍ଟ, ରିସର୍ଚ୍ଚ, ରେକର୍ଡ, ରେଜଲ୍ଟ, ଲଗେଜ୍, ଲାଇଟ୍, ଲାଇବ୍ରେରୀ, ଲାଇସେନ୍ସ, ୱରେଣ୍ଟ, ଷ୍ଟୋର୍, ସର୍କସ୍, ସାଇକେଲ୍, ସାଇନ୍ ବୋର୍ଡ, ସାର୍ଟିଫିକେଟ୍, ସିନେମା, ସିମେଣ୍ଟ, ସୁଇଚ୍, ସେକ୍ରେଟାରୀ, ସେଫ୍ଟିପିନ୍, ସ୍କାଉଟ୍, ସ୍ପିରିଟ୍, ସ୍ୱେଟର୍, ହସ୍‌ପିଟାଲ୍, ହଷ୍ଟେଲ୍, ହ୍ୟାଙ୍ଗର୍, ହ୍ୱିସ୍କି ପ୍ରଭୃତି ।

ଓଡିଆ ଭାଷା, ବୈଦେଶିକ ସୂତ୍ରରୁ ଅର୍ଥାତ୍ ପାର୍ସୀ - ଆରବୀ ଓ ଇଂରାଜୀ ଭାଷାରୁ ଆବଶ୍ୟକତାନୁଯାୟୀ ଖାଲି ଯେ ଶବ୍ଦ ଆହରଣ କରିଛି ତାହା ନୁହେଁ, ପରନ୍ତୁ ଯାବନିକ (ପାର୍ସୀ-ଆରବୀ) ଓ ଇଂରାଜୀ ଭାଷାଗତ ଶବ୍ଦରେ ଓଡିଆ ପ୍ରତ୍ୟୟ ଓ ଆପେକ୍ଷିକ ଶବ୍ଦର ସଂଯୋଗଘଟି ବହୁ ନୂତନ ଶବ୍ଦ ଗଠିତ ହୋଇ ଓଡିଆ ଭାଷାରେ ବ୍ୟବହୃତ ହେଉଥିବା ଦେଖିବାକୁ ମିଳୁଛି । ଏହି ପର୍ଯ୍ୟାୟର ନୂତନ ଗଠିତ ଶବ୍ଦଗୁଡ଼ିକୁ ଏଥିରେ ପ୍ରଯୁକ୍ତ ବୈଦେଶିକ । ଶବ୍ଦର ମୂଳଉତ୍ସ ଭିତ୍ତିରେ ନିମ୍ନଲିଖିତ ଦୁଇଟି ସ୍ୱତନ୍ତ୍ର ଶ୍ରେଣୀର ଅନ୍ତର୍ଭୁକ୍ତ କରି ଦର୍ଶାଯାଇପାରେ । ଯଥା -

**୧. ପାର୍ସୀ - ଆରବୀ+ ଓଡିଆ :** ଏହି ପର୍ଯ୍ୟାୟରନୂତନ ଗଠିତ ଶବ୍ଦଗୁଡିକ ମଧ୍ୟରେ ବଦ୍‌ନାମ (ପାର୍ସୀ ଉପସର୍ଗ: ବଦ୍+ଓ.ନାମ),ଫିଦିନ (ଆରବୀ ଉପସର୍ଗ: ଫି+ଓ,ଦିନ), ବେହୋସ୍ (ପାର୍ସୀ ଉପସର୍ଗ: ବେ+ଓ.ହୋସ୍), ନିଶାଖୋର (ଓ-ନିଶା + ପାର୍ସୀ ପରପ୍ରତ୍ୟୟ : ଖୋର), ବାବୁଗିରି (ଓ.ବାବୁ+ପାର୍ସୀ ପରପ୍ରତ୍ୟୟ : ଗିରି), କାଗଜପତ୍ର (ଆ.କାଗଜ+ଓ. ପତ୍ର), ରବିଫସଲ (ଆ.ରବି+ଫସଲ), କୂଳକିନାରା (ଓ.କୂଳ+ପା. କିନାରା), ଧନଦୌଲତ (ଓ.ଧନ+ଆ.ଦୌଲତ), ହାଟବଜାର (ଓ.ହାଟ+ପା.ବଜାର)ପ୍ରଭୃତି ଅନ୍ୟତମ ।

**୨. ଇଂରାଜୀ +ଓଡିଆ :** ଏହି ପର୍ଯ୍ୟାୟର ନୂତନ ଗଠିତ ଶବ୍ଦଗୁଡିକ ମଧ୍ୟରେ ଚେକ୍‌ବହି (ଇଂ.ଚେକ୍+ଓ.ବହି), ପାଇପ୍‌ଜଳ (ଇଂ.ପାଇପ୍+ ଓ.ଜଳ), ରୋଲ୍‌ବାଡି (ଇଂରୋଲ୍+ଓ.ବାଡି), ପିନ୍‌କଣ୍ଟା (ଇଂପିନ୍+ଓ.କଣ୍ଟା), କୃଷିଫାର୍ମ (ଓ. କୃଷି+ଇଂ.ଫାର୍ମ), ପାଣିପମ୍ପ (ଓ.ପାଣି+ଇଂ.ପମ୍ପ), ଶିକ୍ଷାବୋର୍ଡ (ଓ.ଶିକ୍ଷା+ଇଂ.ବୋର୍ଡ), କାଚଗ୍ଲାସ୍ (ଓ. କାଚ+ଇଂ.ଗ୍ଲାସ୍), ଅଣଖ୍ରୀଷ୍ଟୀୟାନ୍ (ଓ.ପୂର୍ବସର୍ଗ: ଅଣ+ଇଂ.ଖ୍ରୀଷ୍ଟୀୟାନ୍) ପ୍ରଭୃତି ଅନ୍ୟତମ।

## ୧.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**୧. ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ।**

କ) ଓଡିଆ ଶବ୍ଦ-ଭଣ୍ଡାରର ସ୍ୱରୂପ ଆକଳନ କର।

ଖ) ଓଡିଆ ଶବ୍ଦ-ଭଣ୍ଡାର ଅନ୍ତର୍ଗତ ମୌଳିକ ପର୍ଯ୍ୟାୟଭୁକ୍ତ ଶବ୍ଦଗୁଡିକର ପରିଚୟ ଦିଅ।

ଗ) ଓଡିଆ ଶବ୍ଦ-ଭଣ୍ଡାର ଉପରେ ଅଭାରତୀୟ ଭାଷାଗୁଡିକର ପ୍ରଭାବ ନିରୂପଣ କର।

**୨. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ।**

କ) 'ତଦ୍ଭବ ଶବ୍ଦ' କାହାକୁ କୁହାଯାଏ ?

ଖ) ମୌଳିକ ଶବ୍ଦଗୁଡିକ କେତୋଟି ଶ୍ରେଣୀରେ ବିଭକ୍ତ ?

ଗ) କାହାକୁ ଯାବନିକ ଭାଷା କୁହାଯାଏ ?

ଘ) ଓଡ଼ିଆ ଦେଶଜ ଶବ୍ଦଗୁଡିକ କେଉଁ ମୂଳ ଭାଷାରୁ ଗୃହୀତ ହୋଇଛନ୍ତି ?

ଙ) ଓଡିଆ ଶବ୍ଦଭଣ୍ଡାରକୁ କେଉଁ ଅଭାରତୀୟ ଭାଷାଗୁଡିକରୁ ବିଭିନ୍ନ ଶବ୍ଦ ଆହରିତ ହୋଇଛନ୍ତି ?

## ୧.୯ ସହାୟକ ଗ୍ରନ୍ଥସୂଚୀ


- ଆଧୁନିକ ଓଡିଆ ବ୍ୟାକରଣ - ଡକ୍ଟର ଧନେଶ୍ୱର ମହାପାତ୍ର
- ବ୍ୟାବହାରିକ ଓଡିଆ ବ୍ୟାକରଣ - ଡକ୍ଟର ହର ପ୍ରସାଦ ମିଶ୍ର
- ଓଡିଆ ଭାଷାର ଇତିହାସ - ପ୍ରକାଶକ : ଓଡିଆ ଭାଷା ପ୍ରତିଷ୍ଠାନ
- ରୂପସୀ ଓଡିଆର ରୂପଚର୍ଚ୍ଚା - ଡକ୍ଟର ହର ପ୍ରସାଦ ମିଶ୍ର

# ଦ୍ୱିତୀୟ ଏକକ
# ଓଡିଆ ଶବ୍ଦ-ଗଠନସୂତ୍ର

**ବିଷୟ ଗଠନ :**


୨.୧ ପଠନର ଉଦ୍ଦେଶ୍ୟ

୨.୨ ଶିକ୍ଷଣୀୟ ବିଷୟ

୨.୩ ବିଷୟ ପରିଚୟ

୨.୪ ଓଡିଆ ଶବ୍ଦ - ଗଠନରୀତି: ପୂର୍ବପ୍ରତ୍ୟୟ ବା ଉପସର୍ଗ - ଯୋଗ

୨.୫ ଓଡିଆ ଶବ୍ଦ-ଗଠନରୀତି: ପରପ୍ରତ୍ୟୟ -ଯୋଗ

୨.୬ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ

୨.୭ ସହାୟକ ଗ୍ରନ୍ଥସୂଚୀ


## ୨.୧ ପଠନର ଉଦ୍ଦେଶ୍ୟ

ଏହି ଏକକଟିର ଅଧ୍ୟୟନ ଶେଷରେ ଶିକ୍ଷାର୍ଥୀମାନେ ଜାଣିବାକୁ ପାଇବେ :

- ଓଡିଆ ଶବ୍ଦ-ଗଠନସୂତ୍ରର ବିବିଧ ରୂପାତ୍ମକ ପରିଚୟ।
- ଓଡିଆ ଶବ୍ଦ-ଗଠନ କ୍ଷେତ୍ରରେ ଅନୁସୃତ ହେଉଥିବା ବିବିଧ ପଦ୍ଧତିଗତ ସ୍ୱରୂପର ପୂର୍ଣ୍ଣ ପରିଚୟ।

## ୨.୨ ଶିକ୍ଷଣୀୟ ବିଷୟ

- ବିବିଧ ପୂର୍ବସର୍ଗ ବା ପୂର୍ବପ୍ରତ୍ୟୟ ଯୋଗରେ ଗଠିତ ହୋଇଥିବା ଶବ୍ଦ ଗୁଡିକର ସ୍ୱରୂପଗତ ଅବଧାରଣା।
- ବିଭିନ୍ନ 'କୃତ୍ ପ୍ରତ୍ୟୟ'ଓ 'ତଦ୍ଧିତ ପ୍ରତ୍ୟୟ'ର ସ୍ୱରୂପ ଅବଧାରଣା ସହ ସେ ସବୁର ଯୋଗରେ ଗଠିତ ହେଉଥିବା ବିଭିନ୍ନ ଶବ୍ଦଗୁଡ଼ିକର ଗଠନ ରୂପ ସଂପର୍କରେ ଜ୍ଞାନଲାଭ।
- ଶବ୍ଦଗଠନ କ୍ଷେତ୍ରରେ ଅନୁସୃତ ବିବିଧ ପଦ୍ଧତି ବା ଧାରାଗୁଡିକର ପୂର୍ଣ୍ଣ ଅବଧାରଣାଦ୍ୱାରା ଶିକ୍ଷାର୍ଥୀମାନଙ୍କର ଶବ୍ଦ-ଗଠନଗତ ସାମର୍ଥ୍ୟ ବୃଦ୍ଧିପାଇବା ସଙ୍ଗେ ସଙ୍ଗେ ତନ୍ମାଧ୍ୟମରେ ଭାବପ୍ରକଟନଗତ ଦାରିଦ୍ର୍ୟ ଅନେକ ପରିମାଣରେ ଦୂରହୋଇଯିବ।

## ୨.୩ ବିଷୟ ପରିଚୟ

ଯେକୌଣସି ଭାଷା ଅନ୍ତର୍ଗତ ଶବ୍ଦ-ଭଣ୍ଡାରର ସମୃଦ୍ଧି କେବଳ ବାହାର ଭାଷାରୁ ଆବଶ୍ୟକ ଶବ୍ଦାବଳୀର ଆହରଣଦ୍ୱାରା ସମ୍ଭବ ହୋଇପାରିନଥାଏ, ପରନ୍ତୁଏହା ନିର୍ଦ୍ଦିଷ୍ଟ ଭାଷାଭାଷୀ ଜନସାଧାରଣଙ୍କ ନୂତନ ଶବ୍ଦନିର୍ମାଣର ସାମର୍ଥ୍ୟ ବଳରେ ସମ୍ଭବ ହୋଇ ପାରୁଥିବା ଦେଖାଯାଏ। ଆଧୁନିକ ଭାରତୀୟ ଆର୍ଯ୍ୟଭାଷାଗୁଡିକ ମଧ୍ୟରେ

ଅନ୍ୟତମ ଓଡିଆ ଭାଷାର ବଳିଷ୍ଠ ଅଭିବ୍ୟକ୍ତି ସ୍ୱରୂପ ଅଧୁନା ଏହାର ଯେଉଁ ପ୍ରାଚୁର୍ଯ୍ୟପୂର୍ଣ୍ଣ ତଥା ସମୃଦ୍ଧରୂପ ଦେଖିବାକୁ ମିଳୁଛି, ତାହା ଏହି ଭାଷାର ଉପରୋକ୍ତ ଦ୍ୱିବିଧ ପ୍ରକ୍ରିୟା (ନୂତନ ଶବ୍ଦ-ଆହରଣ ଓ ନୂତନ ଶବ୍ଦ-ଗଠନ)ବଳରେ ଯେ ସମ୍ଭବ ହୋଇପାରିଛି, ଏହା ନିର୍ଦ୍ଦିଷ୍ଟ ଭାବେ କୁହାଯାଇପାରେ। ଏହାଦ୍ୱାରା ଓଡିଆ ଭାଷା, ବିଭିନ୍ନ ଭାବ-ଭାବନାର ଅଭିବ୍ୟକ୍ତି କ୍ଷେତ୍ରରେ ପ୍ରଚୁର ଶକ୍ତି ଲାଭ କରିବାକୁ ସମର୍ଥ ହୋଇପାରିଥିବା ଦେଖିବାକୁ ମିଳୁଅଛି।

## ୨.୪ ଓଡିଆ ଶବ୍ଦ-ଗଠନ-ରୀତି : ପୂର୍ବ ପ୍ରତ୍ୟୟ-ଯୋଗ

ଓଡିଆ ଭାଷାରେ ବ୍ୟବହୃତ ହେଉଥିବା ଅନେକ ଶବ୍ଦ ବିଭିନ୍ନ ଉପସର୍ଗ ବା ପୂର୍ବ ପ୍ରତ୍ୟୟ ଯୋଗରେ ଗଠିତ ହୋଇଥିବା ଲକ୍ଷ୍ୟ କରାଯାଉଛି। ଏହି ପର୍ଯ୍ୟାୟର ବ୍ୟୁତ୍ପନ୍ନ ଶବ୍ଦଗୁଡିକୁ ଉପସର୍ଗ ବା ପୂର୍ବପ୍ରତ୍ୟୟଗୁଡ଼ିକର ମୂଳଉତ୍ସ ଅନୁସାରେ ସ୍ୱତନ୍ତ୍ର ଭାବେ ଶ୍ରେଣୀଭୁକ୍ତ କରି ନିମ୍ନଲିଖିତ ମତେ ଦର୍ଶାଯାଇପାରେ ଯଥା -

***କ) ତତ୍ସମ ଉପସର୍ଗ ଯୋଗରେ ଗଠିତ ଶବ୍ଦ :*** ଓଡିଆ ଭାଷାକୁ ସଂସ୍କୃତରୁ ଅବିକଳ ରୂପରେ ଆହରିତ ହୋଇଥିବା 'ତତ୍ସମ' ପର୍ଯ୍ୟାୟଭୁକ୍ତ ବିଭିନ୍ନ ଶବ୍ଦଗୁଡ଼ିକର ମାଧ୍ୟମ ଦେଇ ୨୦ଟିଉପସର୍ଗ ପ୍ରବେଶ -ଅଧିକାର ପାଇଥିବା ଜଣାଯାଏ। ଏହିତତ୍ସମ ପର୍ଯ୍ୟାୟର ଉପସର୍ଗଗୁଡିକ ମଧ୍ୟରୁ କେବଳ ୮/୧୦ଟି ଉପସର୍ଗକୁ ବାଦ୍‌ଦେଲେ, ଅନ୍ୟ ସମସ୍ତ ଉପସର୍ଗ ଓଡିଆ ଭାଷାରେ ନିଜସ୍ୱ ଅର୍ଥ ପ୍ରକାଶ କରିବାରେ ଅସମର୍ଥ ହେଉଥିବା ଲକ୍ଷ୍ୟ କରାଯାଏ। ପୁନଶ୍ଚ ସଂସ୍କୃତରୁ ଓଡିଆକୁ ଆସିଥିବା ୨୦ଟି ଉପସର୍ଗ ମଧ୍ୟରୁ ଅଳ୍ପ କେତୋଟିକୁ ବାଦ୍ ଦେଲେ, ଅନ୍ୟଗୁଡିକ ଓଡିଆ ଭାଷାରେ ଏଯାବତ୍ ବିଶେଷ ଭାବରେ ଗଠନ-କ୍ଷମ (Productivity) ହୋଇପାରିନଥିବା ଦେଖାଯାଏ। ଆହୁରି ମଧ୍ୟ ଓଡିଆ ଭାଷାରେ ବ୍ୟବହୃତ ସଂସ୍କୃତ ଭାଷାଗତ ଅନେକ ଉପସର୍ଗସଂଯୁକ୍ତ ଶବ୍ଦ ମଧ୍ୟରୁ ଉପସର୍ଗଗୁଡିକୁ ମୂଳ ଶବ୍ଦଠାରୁ ପୃଥକ୍ କରି ସ୍ୱତନ୍ତ୍ର ଭାବେ ଚିହ୍ନିତ କରାଇବା ମଧ୍ୟ ସମ୍ଭବ ହୁଏ ନାହିଁ। କାରଣ ବିଭିନ୍ନ ଉପସର୍ଗ ଯେଉଁ ମୂଳ ଶବ୍ଦଗୁଡିକରେ ସଂଯୁକ୍ତ ହୋଇଥାନ୍ତି, ସେଗୁଡ଼ିକର ସ୍ୱତନ୍ତ୍ର ତଥା ଏକକ ବ୍ୟବହାର ଓଡିଆ ଭାଷାରେ ଅନୁଭୂତ ହୁଏ ନାହିଁ।

ଓଡିଆରେ ସଂସ୍କୃତରୁ ଗୃହୀତ 'ତତ୍ସମ-ପୂର୍ବପ୍ରତ୍ୟୟ' ବା ଉପସର୍ଗଗୁଡିକ ମଧ୍ୟରେ ପ୍ର-, ପରା-, ଅପ, ସମ୍-, ନି-, ଅଧି-, ସୁ-, ନିର୍-, ଉତ୍-, ପରି-, ଅବ-, ଅନୁ-, ଦୁର୍-,ବି-, ଅଭି-, ଅପି-, ଉପ-, ଆ-, ଅତି-, ପ୍ରତି-, ପ୍ରଭୃତି ଅନ୍ୟତମ। ଓଡିଆରେ ଏହି ଉପସର୍ଗଗୁଡିକର ଯୋଗରେ ଗଠିତ ତଥା ବ୍ୟବହୃତ ହେଉଥିବା ଶବ୍ଦଗୁଡିକୁ ନିମ୍ନରେ ସ୍ୱତନ୍ତ୍ର ଭାବେ ଅବତାରଣା କରାଗଲା।

ପ୍ର- ଯୋଗରେ ଗଠିତ : ପ୍ରଗତି (ପ୍ର+ଗତି), ପ୍ରତାପ, ପ୍ରଦେଶ, ପ୍ରଯତ୍ନ।

ପରା-ଯୋଗରେ ଗଠିତ : ପରାଜୟ (ପରା+ଜୟ)।

ଅପ-ଯୋଗରେ ଗଠିତ : ଅପକର୍ମ (ଅପ+କର୍ମ), ଅପକୀର୍ତ୍ତି, ଅପଖ୍ୟାତି, ଅପଚେଷ୍ଟା।

ସମ୍- ଯୋଗରେ ଗଠିତ : ସମର୍ପଣ (ସମ୍+ଅର୍ପଣ), ସମାଚାର, ସମ୍ମତ, ସଂଯୋଗ।

ନି- ଯୋଗରେ ଗଠିତ : ନିଖୋଜ (ନି+ଖୋଜ), ନିଦାରୁଣ, ନିଯୁକ୍ତ, ନିହତ।

ଅଧି-ଯୋଗରେ ଗଠିତ : ଏହି ଉପସର୍ଗ ସଂଯୁକ୍ତ ଶବ୍ଦଗୁଡିକ ସଂସ୍କୃତରୁ ଅବିକଳ ରୂପରେ ଗୃହୀତ। ଯଥା -

ଅଧିକାର, ଅଧିବାସ, ଅଧିଶ୍ୱର, ଅଧୀନ ପ୍ରଭୃତି।

ନିର୍-ଯୋଗରେ ଗଠିତ : ନିରାହାର (ନିର୍+ଆହାର), ନିରସ୍ତ୍ର, ନିରାମିଷ, ନିରାଶ୍ରୟ।

ଏହାର ଦୁଇଟି ବିକଳ୍ପ ରୂପ ହେଲା-

- ନିଃ ଯୋଗ : ନିଃଶବ୍ଦ (ନିଃ+ଶବ୍ଦ), ନିଃସଙ୍ଗ, ନିଃଶ୍ୱାସ, ନିଃଶେଷ।
- ନିସ୍ ଯୋଗ : ନିଷ୍କଣ୍ଟକ (ନିସ୍ + କଣ୍ଟକ), ନିଷ୍କର୍ମ ନିଷ୍ଫଳ, ନିସ୍ତେଜ।

ଉତ୍ -ଯୋଗରେ ଗଠିତ : ଏହି ଉପସର୍ଗଯୁକ୍ତ ଶବ୍ଦ ଅବିକଳ ରୂପରେ ସଂସ୍କୃତରୁ ଗୃହୀତ। ଯଥା - ଉନ୍ନତି, ଉତ୍କୃଷ୍ଟ, ଉତ୍କର୍ଷ ପ୍ରଭୃତି।

ପରି- ଯୋଗରେ ଗଠିତ : ପରିପକ୍ୱ (ପରି+ପକ୍ୱ), ପରିପୂର୍ଣ୍ଣ, ପରିଶେଷ, ପରିହାସ।

ଅବ - ଯୋଗରେ ଗଠିତ : ଅବନତ (ଅବ+ନତ), ଅବରୋଧ ଅବଶେଷ, ଅବହେଳା।

ଅନୁ- ଯୋଗରେ ଗଠିତ : ଅନୁବାଦ (ଅନୁ+ବାଦ), ଅନୁକରଣ, ଅନୁମାନ, ଅନୁସନ୍ଧାନ।

ଦୁର୍ - ଯୋଗରେ ଗଠିତ : ଦୁର୍ଜନ (ଦୁର୍+ଜନ), ଦୁର୍ଭାବନା, ଦୁର୍ବଳ, ଦୁର୍ଗମ।

ଏହାର ଦୁଇଟି ବିକଳ୍ପ ରୂପ ହେଲା -

- ଦୁଃ -ଯୋଗ : ଦୁଃସମୟ (ଦୁଃ+ସମୟ), ଦୁଃସ୍ୱପ୍ନ, ଦୁଃସାଧ, ଦୁଃସାହସ।
- ଦୁସ୍ -ଯୋଗ : ଦୁଷ୍କର୍ମ (ଦୁଷ୍+କର୍ମ), ଦୁଶ୍ଚରିତ୍ର, ଦୁଶ୍ଚିନ୍ତା।

ବି-ଯୋଗରେ ଗଠିତ : ବିଧର୍ମ (ବି+ଧର୍ମ, ବିଦେଶ ବିଫଳ, ବିଯୋଗ।

ଅଭି-ଯୋଗରେ ଗଠିତ : ଅଭିବୃଦ୍ଧି (ଅଭି+ବୃଦ୍ଧି), ଅଭିମତ, ଅଭିମାନ, ଅଭିଶାପ।

ଅପି-ଯୋଗରେ ଗଠିତ : ଏହି ପର୍ଯ୍ୟାୟର କେତେକ ଉପସର୍ଗ ସଂଯୁକ୍ତ ଶବ୍ଦ ସଂସ୍କୃତରୁ ଅବିକଳ ରୂପରେ ଗୃହୀତ। ଯଥା - ଅପିଧାନ, ଅପିଚ ପ୍ରଭୃତି।

ଉପ-ଯୋଗରେ ଗଠିତ : ଉପକଥା (ଉପ+କଥା), ଉପଜାତି, ଉପବନ, ଉପସାଗର।

ଆ-ଯୋଗରେ ଗଠିତ : ଆକଣ୍ଠ (ଆ+କଣ୍ଠ), ଆଜନ୍ମ, ଆଜୀବନ, ଆମରଣ।

ଅତି-ଯୋଗରେ ଗଠିତ : ଅତ୍ୟଧିକ (ଅତି+ଅଧିକ), ଅତ୍ୟୁକ୍ତି, ଅତ୍ୟୁଚ୍ଚ, ଅତିରଞ୍ଜନ।

ପ୍ରତି -ଯୋଗରେ ଗଠିତ : ପ୍ରତିଦାନ (ପ୍ରତି+ଦାନ), ପ୍ରତିଧ୍ୱନି, ପ୍ରତିଫଳ, ପ୍ରତିମୂର୍ତ୍ତି।

***ଖ) ତଦ୍‌ଭବ/ ଦେଶଜ (ଓଡିଆରେ ନିଜସ୍ୱ ଉପସର୍ଗ) ଉପସର୍ଗ ଯୋଗରେ ଗଠିତ ଶବ୍ଦ :*** ଓଡିଆରେ ନିଜସ୍ୱ ଉପସର୍ଗ ଯୋଗରେ ବହୁ ଶବ୍ଦ ଗଠିତ ହୋଇ ବ୍ୟବହୃତ ହେଉଥିବା ଦେଖିବାକୁ ମିଳେ। ଏହି ପର୍ଯ୍ୟାୟର ବ୍ୟୁତ୍ପନ୍ନ ଶବ୍ଦଗୁଡିକୁ ଉପସର୍ଗଗୁଡ଼ିକର ବିଭିନ୍ନତା ଭିତ୍ତିରେ ନିମ୍ନଲିଖିତ ମତେ ସ୍ୱତନ୍ତ୍ର ଭାବେ ଦର୍ଶାଯାଇ ପାରେ। ଯଥା -

ଅ- ଯୋଗରେ ଗଠିତ: ଅଦିନ, ଅଜାତି, ଅନ୍ୟାୟ, ଅଭଦ୍ର, ଅରୁଚି, ଅଶୁଦ୍ଧ।

ଅନ-ଯୋଗରେ ଗଠିତ: ଅନଭିଜ୍ଞ(ଅନ+ଅଭିଜ୍ଞ), ଅନାଚାର,ଅନାଦର, ଅନାବିକ, ଅନୁଚିତ, ଅନିଚ୍ଛା।

ଅଣ- ଯୋଗରେ ଗଠିତ : ଅଣାୟତ୍ତ (ଅଣ+ଆୟତ୍ତ), ଅଣଓଡିଆ,ଅଣଓସାରିଆ, ଅଣନାତି, ଅଣହଳଦିଆ।

ଅନ୍ତର୍-ଯୋଗରେ ଗଠିତ : ଅନ୍ତରାତ୍ମା (ଅନ୍ତର୍+ଆତ୍ମା), ଅନ୍ତର୍ଦୃଷ୍ଟି, ଅନ୍ତର୍ଦାହ, ଅନ୍ତର୍ବାଣିଜ୍ୟ, ଅନ୍ତର୍ବିପ୍ଳବ।

କୁ -ଯୋଗରେ ଗଠିତ : କୁକଥା(କୁ+କଥା), କୁକର୍ମ, କୁଚକ୍ରାନ୍ତ କୁମନ୍ତ୍ରଣା, କୁସଂସ୍କାର।

ଦର-ଯୋଗରେ ଗଠିତ : ଦରଉଷୁମ (ଦର+ଉଷୁମ),ଦରପୋଡ଼ା, ଦରସିଝା, ଦରପାଚିଲା।

ଦୋ-ଯୋଗରେ ଗଠିତ : ଦୋତାଲା(ଦୋ+ତାଲା),ଦୋଫସଲି, ଦୋମୁଣ୍ଡିଆ, ଦୋମୁହାଁ।

ନା ଯୋଗରେ ଗଠିତ : ନାପସନ୍ଦ (ନା+ପସନ୍ଦ),ନାବାଳକ, ନାମଞ୍ଜୁର।

ପୁନର୍-ଯୋଗରେ ଗଠିତ : ପୁନରୁତ୍‌ଥାନ (ପୁନର୍+ଉତ୍‌ଥାନ୍), ପୁନରୁଦ୍ଧାର,ପୁନର୍ଜନ୍ମ, ପୁନର୍ବସତି, ପୁନର୍ମିଳନ।

ସ-ଯୋଗରେ ଗଠିତ : ସର୍ବନାଶ (ସର୍ବ+ନାଶ), ସର୍ବଶ୍ରେଷ୍ଠ, ସର୍ବସମ୍ମତ, ସର୍ବସ୍ୱ।

ସହ- ଯୋଗରେ ଗଠିତ : ସହକର୍ମୀ (ସହ+କର୍ମୀ), ସହବାସ, ସହଯୋଗ, ସହାନୁଭୂତି।

ସ୍ୱ-ଯୋଗରେ ଗଠିତ : ସ୍ୱଜାତି (ସ୍ୱ+ଜାତି), ସ୍ୱଦେଶ, ସ୍ୱଧର୍ମ, ସ୍ୱଭାବ, ସ୍ୱରୂପ।

**ଗ) ବୈଦେଶିକ ଉପସର୍ଗଯୋଗରେ ଗଠିତ ଶବ୍ଦ :** ବୈଦେଶିକ ଭାଷାଭାବେ ପାର୍ସୀ - ଆରବୀ ସୂତ୍ରରୁ ଗୃହୀତ କେତେକ ଉପସର୍ଗ ବା ପୂର୍ବପ୍ରତ୍ୟୟ ବିଭିନ୍ନ ଓଡିଆ ଶବ୍ଦରେ ଯୋଗହୋଇ ନୂତନ ଶବ୍ଦମାନ ଗଠିତ ହୋଇଥିବା ଦେଖିବାକୁ ମିଳେ। ଏହି ଧାରାରେ ଗଠିତ ହୋଇଥିବା ବିଭିନ୍ନ ଶବ୍ଦକୁ ଉପସର୍ଗଗୁଡ଼ିକର ମୂଳଉତ୍ସ ଅନୁସାରେ ସ୍ୱତନ୍ତ୍ର ଶ୍ରେଣୀର ଅନ୍ତର୍ଭୁକ୍ତ କରି ନିମ୍ନଲିଖିତ ମତେ ଅବତାରଣା କରାଗଲା। ଯଥା -

ଗର୍- (ଆରବୀ) ଯୋଗରେ ଗଠିତ : ଗର୍‌ମଜଭୁତ୍ (ଗର୍+ମଜଭୁତ୍), ଗର୍‌ହିସାବୀ, ଗର୍‌ହୁସିଆର।

ଫି- (ଆରବୀ) ଯୋଗରେ ଗଠିତ : ଫିକଥା (ଫି+କଥା),ଫିଦିନ୍, ଫିସାଲ।

ବଦ୍ (ପାର୍ସୀ) ଯୋଗରେ ଗଠିତ : ବଦ୍‌ନାମ (ବଦ୍+ନାମ),ବଦରାଗୀ,ବଦ୍‌ଗୁଣ, ବଦ୍ ଖର୍ଚ୍ଚୀ।

ବେ-(ପାର୍ସୀ)ଯୋଗରେ ଗଠିତ : ବେଖାପ (ବେ+ଖାପ), ବେଦଖଲ,ବେସରମ, ବେସାମରିକ, ବେସରକାରୀ।

ହର୍ (ପାର୍ସୀ) ଯୋଗରେ ଗଠିତ : ହର୍‌ଘଡି(ହର+ଘଡି), ହର୍‌ସାଲ।

## ୨.୫ ଓଡିଆ ଶବ୍ଦ-ଗଠନରୀତି : ପରପ୍ରତ୍ୟୟ-ଯୋଗ

ଓଡିଆ ଭାଷାରେ ବିଭିନ୍ନ କ୍ରିୟାଧାତୁ (Verb stem) ଓ ଶବ୍ଦଧାତୁ (Word stem) ସହିତ ବିଭିନ୍ନ ପ୍ରତ୍ୟୟ ଯୁକ୍ତହୋଇ ନୂଆ ନୂଆ ଶବ୍ଦ ଗଠିତ ହେଉଥିବା ଦେଖାଯାଏ। ଧାତୁଗତ ଭିନ୍ନତା ଆଧାରରେ ଏହି ପର୍ଯ୍ୟାୟରେ ନୂତନଗଠିତ ଶବ୍ଦଗୁଡ଼ିକୁ ନିମ୍ନଲିଖିତ ଦୁଇଗୋଟି ଶ୍ରେଣୀର ଅନ୍ତର୍ଭୁକ୍ତ କରି ଦର୍ଶାଯାଇପାରେ। ଯଥା-

(କ) କ୍ରିୟାଧାତୁ+ପରପ୍ରତ୍ୟୟ

(ଖ) ଶବ୍ଦଧାତୁ+ପରପ୍ରତ୍ୟୟ

**(କ) କ୍ରିୟାଧାତୁ (Verb Stem) ରେ ପରପ୍ରତ୍ୟୟ ଯୋଗ :**

ଓଡିଆ ଭାଷାରେ ବିଭିନ୍ନ କ୍ରିୟାଧାତୁରେ ବିଭିନ୍ନ ପରପ୍ରତ୍ୟୟ ଯୋଗ ହୋଇ ବିଭିନ୍ନ କ୍ରିୟାବାଚକ ବିଶେଷ୍ୟ ବା କ୍ରିୟାବିଶେଷଣର ଉତ୍ପତ୍ତି ଘଟିଥିବା ଦେଖିବାକୁ ମିଳେ। ଗଠନଗତ ସ୍ୱାତନ୍ତ୍ର୍ୟଦୃଷ୍ଟିରୁ ଏହି ଧାରାରେ ଗଠିତ ଶବ୍ଦଗୁଡ଼ିକୁ 'କୃଦନ୍ତ ପଦ' କୁହାଯାଏ। ପାରମ୍ପରିକ ଓଡିଆ ବ୍ୟାକରଣ ଗ୍ରନ୍ଥରେ ବିଭିନ୍ନ କ୍ରିୟାଧାତୁରେ ପ୍ରତ୍ୟୟ ଲାଗି ଗଠିତ ହେଉଥିବା ପଦ ବା ଶବ୍ଦକୁ 'କୃଦନ୍ତ ପଦ' ନାମରେ ଆଖ୍ୟାୟିତ କରାଯାଇଅଛି।

ବିଭିନ୍ନ କ୍ରିୟାଧାତୁରେ ଯୋଗ ହେଉଥିବା ପ୍ରତ୍ୟୟଗୁଡିକର ସ୍ୱରୂପଗତ ଭିନ୍ନତା ଆଧାରରେ ଏହି ପର୍ଯ୍ୟାୟର ଶବ୍ଦଗୁଡ଼ିକୁ ନିମ୍ନଲିଖିତ ସ୍ୱତନ୍ତ୍ର ଶ୍ରେଣୀର ଅନ୍ତର୍ଭୁକ୍ତ କରି ଉପସ୍ଥାପନ କରାଯାଇପାରେ। ଯଥା –

- ଅ ଯୋଗରେ ଗଠିତ : ମାଗ (ମାଗ୍‌+ଅ), ହସ (ହସ୍‌+ଅ), ରାଗ (ରାଗ୍‌+ଅ)।
- ଅଣ ଯୋଗରେ ଗଠିତ : ଝୁଲଣ (ଝୁଲ୍‌+ଅଣ), ମରଣ, ହରଣ।
- ଅଣା ଯୋଗରେ ଗଠିତ : କାନ୍ଦଣା (କାନ୍ଦ୍‌+ଅଣା), ଖେଳଣା, ରାନ୍ଧଣା।
- ଅଣି ଯୋଗରେ ଗଠିତ : ଖଟଣି (ଖଟ୍‌+ଅଣି), ଚଳଣି, ରହଣି।
- ଅନ୍ତ ଯୋଗରେ ଗଠିତ : ଜ୍ୱଳନ୍ତ (ଜ୍ୱଳ୍‌+ଅନ୍ତ), ତୁରନ୍ତ।
- ଅନ୍ତା ଯୋଗରେ ଗଠିତ : ଚଳନ୍ତା (ଚଳ୍‌+ଅନ୍ତା), ଫୁଟନ୍ତା, ଫେରନ୍ତା।
- ଆ ଯୋଗରେ ଗଠିତ : ଚିରା (ଚିର୍‌+ଆ), ଦେଖା, ପଢ଼ା, ଶୁଣା।
- ଆଉ ଯୋଗରେ ଗଠିତ : ଚଢ଼ାଉ (ଚଢ଼୍‌+ଆଉ), ଘେରାଉ।
- ଆଣ ଯୋଗରେ ଗଠିତ : ଉଠାଣ (ଉଠ୍‌+ଆଣ), ଫେଡାଣ, ମିଶାଣ, ଲଗାଣ।
- ଆଣି ଯୋଗରେ ଗଠିତ : ଉଠାଣି (ଉଠ୍‌+ଆଣି), ଗଡାଣି, ଚାହାଁଣି, ଶୁଣାଣି।
- ଆଣିଆ ଯୋଗରେ ଗଠିତ : ଗଡାଣିଆ (ଗଡାଣ୍‌+ଇଆ), ବୁଲାଣିଆ, ଭୁଲାଣିଆ।
- ଆଳି ଯୋଗରେ ଗଠିତ : ଚଢାଳି (ଚଢ୍‌+ଆଳି), ଦୁହାଁଳି, ବିକାଳି, ବୁଡାଳି।
- ଇବା ଯୋଗରେ ଗଠିତ : କାଟିବା (କାଟ୍‌+ଇବା), ଖାଇବା, ଧୋଇବା, ପଢିବା।
- ଇଲା ଯୋଗରେ ଗଠିତ : ପାଚିଲା (ପାଚ୍‌+ଇଲା), ଝଡିଲା ଶୁଣିଲା, ଶୋଇଲା।
- ଉଆ ଯୋଗରେ ଗଠିତ : ଡରୁଆ (ଡର୍‌+ଉଆ), ପଢୁଆ, ଲଢୁଆ, ଶୁଖୁଆ।
- ଉଣା ଯୋଗରେ ଗଠିତ : ପାଉଣା (ପା+ଉଣା), ଗାଉଣା।
- ଉଣି ଯୋଗରେ ଗଠିତ : ଚାଲୁଣି (ଚାଲ୍‌+ଉଣି), ଘୋଡଣି, ଢାଙ୍କୁଣି, ଫୋଡଣି।

**(ଖ) ଶବ୍ଦଧାତୁ (Noun/Adjestem)ରେ ପରପ୍ରତ୍ୟୟଯୋଗ :**

ଓଡିଆ ଭାଷାରେବିଭିନ୍ନ ଶବ୍ଦମୂଳରେ ବିଭିନ୍ନ ପରପ୍ରତ୍ୟୟ ଲାଗି ବହୁ ନୂତନ ଶବ୍ଦ ଗଠିତ ହେଉଥିବା ଦେଖିବାକୁ ମିଳେ। ବିଭିନ୍ନ ମୂଳଶବ୍ଦଗୁଡ଼ିକରେ ବିଭିନ୍ନ ପ୍ରତ୍ୟୟ ଲାଗି ଗଠିତ ହେଉଥିବା ବ୍ୟୁପନ୍ନ ଶବ୍ଦଗୁଡିକ ଓଡିଆ ବ୍ୟାକରଣ ଗ୍ରନ୍ଥଗୁଡିକରେ 'ତଦ୍ଧିତ ଶବ୍ଦ' ନାମରେ ନାମିତ କରାଯାଇଅଛି।

ଶବ୍ଦରେ ଯୋଗ ହେଉଥିବା ପରସର୍ଗ ବା ପ୍ରତ୍ୟୟଗୁଡ଼ିକୁ 'ତଦ୍ଧିତ ପ୍ରତ୍ୟୟ' କୁହାଯାଏ। ତଦ୍ଧିତ ପ୍ରତ୍ୟୟ ଯୋଗରେ ଶବ୍ଦଟିଏ ଗଠିତ ହେବାପରେ, ସେଥିରେ ବେଳେବେଳେ ଆଉ ଗୋଟିଏ ତଦ୍ଧିତ ପ୍ରତ୍ୟୟ ଯୋଗକରାଯାଇ ନୂଆ ଶବ୍ଦଟିଏ ଗଠନ କରାଯାଇପାରେ।

ଯେପରି - ଜଟା+ଇଳ=ଜଟିଳ। ଏଥିରେ 'ତା' ପ୍ରତ୍ୟୟ ଯୋଗହୋଇ (ଜଟିଳ+ତା) 'ଜଟିଳତା' ପରି ଶବ୍ଦଟିଏ ମଧ୍ୟ ସୃଷ୍ଟି କରାଯାଇପାରୁଛି।

ଓଡ଼ିଆ ଭାଷାରେ ସୃଷ୍ଟିଲାଭ କରିଥିବା ତଦ୍ଧିତ ଶ୍ରେଣୀର ଶବ୍ଦଗୁଡ଼ିକରେ ସାଧାରଣତଃ ତିନିପ୍ରକାର ତଦ୍ଧିତ ପ୍ରତ୍ୟୟ ଯୋଗ ହୋଇଥାଏ। ଯଥା- ତତ୍ସମ ବା ସଂସ୍କୃତ ପ୍ରତ୍ୟୟ, ତଦ୍‌ଭବ ଓ ତଦ୍ଧିତ ଦେଶଜ ପ୍ରତ୍ୟୟ (ଓଡ଼ିଆ ଭାଷାର ନିଜସ୍ୱ ପ୍ରତ୍ୟୟ), ବୈଦେଶିକ ପ୍ରତ୍ୟୟ।

**୧. ତତ୍ସମ ତଦ୍ଧିତ ପ୍ରତ୍ୟୟ:**

ଆକ୍ତ-ଯୋଗରେ ଗଠିତ (ଆଚ୍ଛନ୍ନ ଅର୍ଥରେ)-ତୈଳାକ୍ତ (ତୈଳ+ଆକ୍ତ), ରକ୍ତାକ୍ତ, ବିଷାକ୍ତ।

ଆଭ-ଯୋଗରେ ଗଠିତ (ଆଭାଯୁକ୍ତ ଅର୍ଥରେ)-ଧୂମ୍ରାଭ (ଧୂମ୍ର+ଆଭ), ସ୍ୱର୍ଣ୍ଣାଭ।

ଆଳୁ-ଯୋଗରେ ଗଠିତ (ଅଛି ଅର୍ଥରେ)-ଦୟାଳୁ (ଦୟା+ଆଳୁ), ଭୟାଳୁ, ଶ୍ରଦ୍ଧାଳୁ।

ଇ-/ଈ-ଯୋଗରେ ଗଠିତ (ବୃତ୍ତି ଅର୍ଥରେ) - ଡାକ୍ତରି (ଡାକ୍ତର+ଇ), ଚାଷୀ, ତେଲୀ, ଶିଳ୍ପୀ।

ଇକ- ଯୋଗରେ ଗଠିତ (ସମ୍ବନ୍ଧ ଅର୍ଥରେ) - ନାଗରିକ, ଶାରୀରିକ, ସାମାଜିକ।

(ଜ୍ଞାନ ଅର୍ଥରେ) - ଦାର୍ଶନିକ, ପୌରାଣିକ, ବୈଜ୍ଞାନିକ, ସାହିତ୍ୟିକ।

(ଜାତ ଅର୍ଥରେ) - ସାମୁଦ୍ରିକ।

ଇତ - ଯୋଗରେ ଗଠିତ (ଜାତ ଅର୍ଥରେ) - ପଲ୍ଲବିତ (ପଲ୍ଲବ+ଇତ), କଣ୍ଟକିତ, ପୁଷ୍ପିକ, ମୁକୁଳିତ।

ଇଳ - ଯୋଗରେ ଗଠିତ (ଅଛି ଅର୍ଥରେ) - ଜଟିଳ (ଜଟା+ଇଳ), ପଙ୍କିଳ, ଫେନିଳ।

ଈୟ - ଯୋଗରେ ଗଠିତ (ସମ୍ବନ୍ଧ ଅର୍ଥରେ) - ଆତ୍ମୀୟ (ଆତ୍ମା+ଈୟ), ଜାତୀୟ, ଶାସ୍ତ୍ରୀୟ

(ଜାତ ଅର୍ଥରେ - ଉତ୍କଳୀୟ (ଉତ୍କଳ+ଈୟ), ଶାରଦୀୟ।

କର - ଯୋଗରେ ଗଠିତ (କରିଥିବା ଅର୍ଥରେ) - କଷ୍ଟକର (କଷ୍ଟ+କର), ମୁଦ୍ରାକର, ରୁଚିକର।

କାର - ଯୋଗରେ ଗଠିତ (କର୍ତ୍ତା ଅର୍ଥରେ) - କଥାକାର (କଥା+କାର), ଚାଟୁକାର, ବାଦ୍ୟକାର।

କାର - ଯୋଗରେ ଗଠିତ (ଜାତ ଅର୍ଥରେ) - ଅଗ୍ରଜ (ଅଗ୍ର+ଜ), ଖଣିଜ, ଜଳଜ।

ଜ୍ଞ - ଯୋଗରେ ଗଠିତ (ଜାଣିଥିବା ଅର୍ଥରେ) - ବିଶେଷଜ୍ଞ (ବିଶେଷ+ଜ୍ଞ), ସର୍ବଜ୍ଞ।

ତଃ - ଯୋଗରେ ଗଠିତ (ଅବ୍ୟୟ ପଦ) - ବସ୍ତୁତଃ (ବସ୍ତୁ+ତଃ), ସମ୍ଭବତଃ, ସ୍ୱଭାବତଃ।

ତ୍ୱ - ଯୋଗରେ ଗଠିତ (ଭାବ ଅର୍ଥରେ) - ଗୁରୁତ୍ୱ (ଗୁରୁ+ତ୍ୱ), ପ୍ରଭୁତ୍ୱ।

ତମ - ଯୋଗରେ ଗଠିତ (ସର୍ବାଧିକ ଅର୍ଥରେ) - ପ୍ରିୟତମ (ପ୍ରିୟ+ତମ), ମହତ୍ତମ।

ତର -  ଯୋଗରେ ଗଠିତ (ଆଧିକ୍ୟ ଅର୍ଥରେ) - ଗୁରୁତର (ଗୁରୁ+ତର), ମହତ୍ତର।

ତା - ଯୋଗରେ ଗଠିତ (ଭାବ ଅର୍ଥରେ) - ଜଡତା (ଜଡ+ତା), ସ୍ଥିରତା।

ମୟ - ଯୋଗରେ ଗଠିତ (ବ୍ୟାପ୍ତି ଅର୍ଥରେ) - ମଧୁମୟ (ମଧୁ+ମୟ), ସୁଖମୟ।

ଳ-/ ଆଳ-/ଆଳୁ-ଯୋଗରେ ଗଠିତ (ଯୁକ୍ତ ଅର୍ଥରେ) - ଅଶ୍ଳୁଳ (ଅଶ୍ରୁ+ଳ),
ଛବିଳ (ଛବି+ଳ), ରସାଳ (ରସ+ଆଳ),
ଭୟାଳୁ (ଭୟ+ଆଳୁ)।

ଶାଳା -/ଶାଳୀ- ଯୋଗରେ ଗଠିତ (ସ୍ଥାନ ବା ଥିବା ଅର୍ଥରେ)-
ଗୋଶାଳା (ଗୋ+ଶାଳା), ପାକଶାଳା (ପାକ+ଶାଳା),
ବଳଶାଳୀ (ବଳ+ଶାଳୀ), ଶକ୍ତିଶାଳୀ (ଶକ୍ତି +ଶାଳୀ।

ସାତ୍ - ଯୋଗରେ ଗଠିତ (ପରିଣତ ବା ଅପହରଣ ଅର୍ଥରେ)-
ଭସ୍ମସାତ୍ (ଭସ୍ମ+ସାତ୍), ଆତ୍ମସାତ (ଆତ୍ମ+ସତ୍)।

ସ୍ଥ - ଯୋଗରେ ଗଠିତ (ସ୍ଥାନ ଅର୍ଥରେ) - କଣ୍ଠସ୍ଥ (କଣ୍ଠ+ସ୍ଥ), ମନସ୍ଥ, ମୁଖସ୍ଥ, ଯନ୍ତ୍ରସ୍ଥ।

**୨. ତଦ୍‌ଭବ ଓ ଦେଶଜ ପ୍ରତ୍ୟୟ (ଓଡିଆର ନିଜସ୍ୱ ପରପ୍ରତ୍ୟୟ) :**

ଓଡିଆ ଭାଷାରେ ବିଭିନ୍ନ ତଭବ ତଥା ଦେଶଜମୂଳ ପରପ୍ରତ୍ୟୟ ବିଭିନ୍ନ ଶବ୍ଦରେ ଯୋଗହୋଇ ନୂଆ ନୂଆ ଶବ୍ଦମାନ ବ୍ୟୁତ୍ପନ୍ନ ହେଉଥିବା ଦେଖିବାକୁ ମିଳିଥାଏ। ଏହି ତଭବ ଓ ଦେଶଜ ପର୍ଯ୍ୟାୟର ପରପ୍ରତ୍ୟୟଗୁଡିକୁ ଓଡିଆ ଭାଷାର ନିଜସ୍ୱ ପ୍ରତ୍ୟୟ ଭାବେ ଗ୍ରହଣ କରାଯାଏ। ଏହି ପର୍ଯ୍ୟାୟର ପରସର୍ଗ ବା ପରପ୍ରତ୍ୟୟଗୁଡ଼ିକର ସ୍ୱରୂପ ଓ ଗଠନବିଧି ସଂପର୍କରେ ନିମ୍ନରେ ଆଲୋଚନା କରାଗଲା। ଯଥା-

ଆ-/ଇଆ -/ଉଆ- ଯୋଗରେ ଗଠିତ (ଯୁକ୍ତ ଅର୍ଥରେ) - ଗାଲୁଆ (ଗାଲୁ+ଆ),
ଗୁଣିଆ (ଗୁଣି+ଆ), ଦାଢିଆ (ଦାଢ଼ି+ଆ), ପାଣିଆ (ପାଣି+ଆ),
ଅନ୍ଧାରିଆ (ଅନ୍ଧାର+ଇଆ),, ଗନ୍ଧିଆ ଗନ୍ଧ+ଇଆ),
ପାହାଡିଆ (ପାହାଡ+ଇଆ), ଧାରୁଆ (ଧାର+ଉଆ),
ନାଟୁଆ (ନାଟ+ଉଆ), ପାଠୁଆ ପାଠ+ଉଆ, ମଠୁଆ (ମଠ+ଉଆ),
ଶାଗୁଆ (ଶାଗ+ଉଆ), ହଳୁଆ (ହଳ+ଉଆ)।

ଆଇ - ଯୋଗରେ ଗଠିତ (ପଣ ବା ପଣିଆ ଅର୍ଥରେ) -ବନ୍ଧାଇ (ବନ୍ଧ+ଆଇ)
ବୋଝାଇ, ଯୋଡ଼ାଇ, ଲଡାଇ, ସଫାଇ।

ଆମି - ଯୋଗରେ ଗଠିତ (ପଣିଆ ଅର୍ଥରେ) -ଗୁଣ୍ଡାମି (ଗୁଣ୍ଡା+ଆମି),
ଦୁଷ୍ଟାମି, ପାଗଳାମି, ବୋକାମି, ଭଦ୍ରାମି, ମୂର୍ଖାମି।

ଆଳ -/ଇଆଳ-/ଉଆଳ-ଯୋଗରେ ଗଠିତ (ଦାୟିତ୍ୱଗ୍ରହୀତା ଅର୍ଥରେ)

ମଇଁଷିଆଳ(ମଇଁଷି+ଆଳ), ବୋଇତିଆଳ(ବୋଇତ+ଇଆଳ),

ମଙ୍ଗୁଆଳ(ମଙ୍ଗ+ଉଆଳ)।

ଉଲି-/ଏଲି-ଯୋଗରେ ଗଠିତ (ସଂପର୍କ ବା ସାଦୃଶ୍ୟ ଅର୍ଥରେ) -ଗାଉଁଲି (ଗାଁ+ଉଲି), ରୂପେଲି (ରୂପା+ଏଲି), ସୁନେଲି (ସୁନା+ଏଲି)।

କା - ଯୋଗରେ ଗଠିତ (ଭାବଥିବା ଅର୍ଥରେ) - ଆଜିକା (ଆଜି+କା), ମଚକା, ଲହକା।

କୁଳା - ଯୋଗରେ ଗଠିତ (ନିର୍ଦ୍ଦିଷ୍ଟ ଭାବଥିବାଅର୍ଥରେ) -ଡରକୁଳା (ଡର+କୁଳା), ଲାଜକୁଳା, ହସକୁଳା।

ଚିଆ - ଯୋଗରେ ଗଠିତ (ଗୁଣଥିବା ଅର୍ଥରେ) - ପାଣିଚିଆ (ପାଣି+ଚିଆ) ମାଇଚିଆ।

ଟ-/ଟିଆ - ଯୋଗରେ ଗଠିତ (ସାଦୃଶ୍ୟ ବା ଗୁଣଥିବା ଅର୍ଥରେ) - ଚିହ୍ନଟ (ଚିହ୍ନ+ଟ), ତରାଟ (ତରା+ଟ), ଖରାଟିଆ (ଖରା+ଟିଆ), ଭଡାଟିଆ (ଭଡା+ଟିଆ)।

ରା/ଉରା- ଯୋଗରେ ଗଠିତ (ପେଷା ବା ଗୁଣ ଅର୍ଥରେ)- କାଚରା (କାଚ+ରା)ଖତରା, ଚିହ୍ନରା, ଚୂନରା, ପାଟରା, ପାନରା, ଝାମ୍ପୁରା (ଝାମ୍ପ+ଉରା), ହଗୁରା, ମୁତୁରା।

ରି-/ ଆରି-/ ଉରି- ଯୋଗରେ ଗଠିତ (ବୃତ୍ତି ବା ପେଷା ଅର୍ଥରେ)- କଂସାରି (କଂସା+ରି), ପୂଜାରି (ପୂଜା+ରି), ଶଙ୍ଖାରି (ଶଙ୍ଖ+ଆରି,), ଭିକାରି (ଭିକ+ଆରି), ନାଉରି (ନା+ଉରି)।

ଳିଆ - ଯୋଗରେ ଗଠିତ (ଭାବଥିବା ଅର୍ଥରେ)- ଖଟାଳିଆ (ଖଟା+ଳିଆ), ଝଙ୍କାଳିଆ, ପିତାଳିଆ।

**୩. ବୈଦେଶିକ ପରପ୍ରତ୍ୟୟ :**

ଦୀର୍ଘ ଦିନର ଶାସନ ସଂପର୍କ ଫଳରେ ଓଡିଆ ଭାଷା ଯାବନିକ ଭାଷା ଭାବେ 'ପାର୍ସୀ' ସୂତ୍ରରୁ ବହୁ ପରପ୍ରତ୍ୟୟ ଆହରଣ କରିଥିବା ଦେଖିବାକୁ ମିଳୁଅଛି। ବୈଦେଶିକ ଭାଷା 'ପ୍ୟର୍ସ୍ୟ'ରୁ ଆହରିତ ହୋଇଥିବା ବିଭିନ୍ନ ପରପ୍ରତ୍ୟୟ ଅଧୁନା ଓଡିଆ ଶବ୍ଦଗୁଡିକରେ ଯୁକ୍ତହୋଇ ନୂଆ ନୂଆ ଶବ୍ଦ-ଗଠନରେ ସହାୟକ ହୋଇପାରୁଛନ୍ତି। ଏହି ପର୍ଯ୍ୟାୟର ବିଭିନ୍ନ ପରପ୍ରତ୍ୟୟଗୁଡିକର ସ୍ୱରୂପ ସହ କାର୍ଯ୍ୟବିଧି ସଂପର୍କିତ ଦୃଷ୍ଟାନ୍ତ ନିମ୍ନରେ ଅବତାରଣା କରାଗଲା। ଯଥା -

ଖାନା -(ପାର୍ସୀ) ଯୋଗରେ ଗଠିତ (ଅଧିକରଣ ଅର୍ଥରେ) - ଖଜଣାଖାନା (ଖଜଣା+ଖାନା), ଛାପାଖାନା, ଚିଡ଼ିଆଖାନା, ବୈଠକଖାନା, ଡାକ୍ତରଖାନା।

ଖୋର - (ପାର୍ସୀ)ଯୋଗରେ ଗଠିତ (ଅଭ୍ୟାସ ଅର୍ଥରେ) - ନିଶାଖୋର (ନିଶା+ଖୋର), ଲାଞ୍ଚଖୋର।

ଗିରି - (ପାର୍ସୀ) ଯୋଗରେ ଗଠିତ (ଭାବ ଅର୍ଥରେ) -ବାବୁଗିରି (ବାବୁ + ଗିରି), କିରାଣିଗିରି।

ଦାର - (ପାର୍ସୀ) ଯୋଗରେ ଗଠିତ (ଅଛି ଅର୍ଥରେ) - ଚୁଡିଦାର (ଚୁଡି+ଦାର), ଜମିଦାର।

ବାଜ (ପାର୍ସୀ) ଯୋଗରେ ଗଠିତ (ନିପୁଣ ଅର୍ଥରେ) - ଧପାବାଜ (ଧପା+ବାଜ),ଧୋକାବାଜ।

ବାଲା(ପାର୍ସୀ) ଯୋଗରେ ଗଠିତ (ଅଛି ଅର୍ଥରେ)-ଗାଡିବାଲା (ଗାଡ଼ି+ବାଲା ), ଘରବାଲା, ପଇସାବାଲା।

ଉପରେ ଓଡିଆ ଭାଷାରେ ବିଭିନ୍ନ 'କୃତ୍ ପ୍ରତ୍ୟୟ'ଓ'ତଦ୍ଧିତ ପ୍ରତ୍ୟୟ'ର ଯୋଗରେ ଗଠିତ ହୋଇଥିବା ବିଭିନ୍ନ ଦୃଷ୍ଟାନ୍ତ ପ୍ରଦତ୍ତ ହୋଇଛି। ଏସବୁକୁ ଭଲ ଭାବେ ଅନୁଧାନ କଲେ, ଶିକ୍ଷାର୍ଥୀମାନେ ଅନ୍ୟ ଯେକୌଣସି ଶବ୍ଦକୁ ଭାଙ୍ଗି କେଉଁ ଶବ୍ଦରେ କି ଅର୍ଥରେ କି ପ୍ରତ୍ୟୟ ଯୋଗହୋଇଛି, ତାହା ସହଜରେ ନିର୍ଣ୍ଣୟ କରିପାରିବେ ଓ ଅନୁରୂପ ଧାରାରେ ନୂଆନୂଆ ଶବ୍ଦମାନେ ଗଠନ କରି ବ୍ୟବହାର କରିପାରିବେ।

## ୨.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**୧. ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ।**

କ) ଓଡିଆ ଭାଷାରେ ଶବ୍ଦ-ଗଠନ କ୍ଷେତ୍ରରେ ଅନୁସୃତ ବିଭିନ୍ନ ଧାରାଗୁଡ଼ିକର ସ୍ୱରୂପ ବିଶ୍ଳେଷଣ କର।

ଖ) ଓଡିଆରେ ବିଭିନ୍ନ ଉପସର୍ଗ ବା ପୂର୍ବପ୍ରତ୍ୟୟ ଯୋଗରେ ଗଠିତ ହେଉଥିବା ନୂତନ ଶବ୍ଦଗୁଡିକର ସ୍ୱରୂପ ଉଦ୍‌ଘାଟନ କର।

ଗ) ଓଡିଆ ଭାଷାରେ ବିଭିନ୍ନ ଧାତୁରୁ ପରପ୍ରତ୍ୟୟ ଯୋଗରେ ଗଠିତ ହେଉଥିବା ଶବ୍ଦାବଳୀର ସଦୃଷ୍ଟାନ୍ତ ବିଶ୍ଳେଷଣ କର।

ଘ) ବିଭିନ୍ନ ଶବ୍ଦରେ ପରପ୍ରତ୍ୟୟର ଯୋଗଘଟି କିପରି ନୂଆନୂଆ ଶବ୍ଦ ଗଠିତ ହୋଇପାରୁଛି, ସଦୃଷ୍ଟାନ୍ତ ଆଲୋଚନା କର।

**୨. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ।**

କ) ଓଡିଆ ଶବ୍ଦଗଠନ ରେ କେତେଗୋଟି 'ତତ୍ସମ ଉପସର୍ଗ' ବ୍ୟବହୃତ ହେଉଛି ?

ଖ) ଓଡିଆ ଶବ୍ଦଗଠନ କ୍ଷେତ୍ରରେ ବ୍ୟବହୃତ ପାଞ୍ଚଗୋଟି ନିଜସ୍ୱ ଉପସର୍ଗର ଦୃଷ୍ଟାନ୍ତ ଦିଅ।

ଗ) 'କୃଦନ୍ତ ପଦ' କାହାକୁ କୁହାଯାଏ ? ପାଞ୍ଚଟି କୃଦନ୍ତ ପଦର ଦୃଷ୍ଟାନ୍ତ ସହ ବୁଝାଇ ଲେଖ।

ଘ) 'ତଦ୍ଧିତ ପଦ' କହିଲେ କ'ଣ ବୁଝ ? ପାଞ୍ଚଗୋଟି ଦୃଷ୍ଟାନ୍ତ ସହାୟତାରେ ତଦ୍ଧିତ ପଦର ଗଠନ-ରୂପ ବିଶ୍ଳେଷଣ କର।

## ୨.୭ ସହାୟକ ଗ୍ରନ୍ଥସୂଚୀ


- ଓଡିଆ ଭାଷା ବିଭବ - ଡକ୍ଟର ବିଜୟ ପ୍ରସାଦ ମହାପାତ୍ର
- ଓଡିଆ ଭାଷାତତ୍ତ୍ୱ : ବିଚାର ଓ ବିଶ୍ଳେଷଣ - ଡକ୍ଟର ଧନେଶ୍ୱର ମହାପାତ୍ର
- ଭାଷାତତ୍ତ୍ୱ ଓ ଓଡିଆ ଭାଷାର ଦିଗଦିଗନ୍ତ - ଡକ୍ଟର ହର ପ୍ରସାଦ ମିଶ୍ର

# ତୃତୀୟ ଏକକ
# ଓଡିଆ ଏକାର୍ଥବୋଧକ ଶବ୍ଦ, ବିରୀତାର୍ଥବୋଧକ ଶବ୍ଦ, ଓଡିଆ ଯୁଗ୍ମ ଶବ୍ଦ

## ବିଷୟ ଗଠନ :


୩.୧ ପଠନର ଉଦ୍ଦେଶ୍ୟ
୩.୨ ଶିକ୍ଷଣୀୟ ବିଷୟ
୩.୩ ବିଷୟ ପରିଚୟ
୩.୪ ଓଡିଆ ଏକାର୍ଥ ବୋଧକ ଶବ୍ଦ
୩.୫ ବିପରୀତାର୍ଥ ବୋଧକ ଶବ୍ଦ
୩.୬ ଓଡିଆ ଯୁଗ୍ମ ଶବ୍ଦ
୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୩.୮ ସହାୟକ ଗ୍ରନ୍ଥସୂଚୀ


## ୩.୧ ପଠନର ଉଦ୍ଦେଶ୍ୟ

ଏହି ଏକକଟିର ଅଧ୍ୟୟନ ଶେଷରେ ଶୀକ୍ଷାର୍ଥୀମାନେ ଜାଣିବାକୁ ପାଇବେ :

- ଓଡିଆ ଏକାର୍ଥବୋଧକ ଶବ୍ଦଗୁଡିକର ରୂପାତ୍ମକ ପରିଚୟ।
- ଓଡିଆ ବିପରୀତାର୍ଥବୋଧକ ଶବ୍ଦଗୁଡିକର ବ୍ୟାବହାରିକ ପରିଚୟ।
- ଓଡିଆ ଯୁଗ୍ମ ଶବ୍ଦଗୁଡିକର ସ୍ୱରୂପ ତଥା ଅଭିବ୍ୟକ୍ତିମୂଳକ ପରିଚୟ।

## ୩.୨ ଶିକ୍ଷଣୀୟ ବିଷୟ

- ଓଡିଆ ଭାଷାରେ ବହୁଳ ଭାବେ ବ୍ୟବହୃତ ହେଉଥିବା ଏକାର୍ଥବୋଧକ, ବିପରୀତାର୍ଥବୋଧକ ଓ ଯୁଗ୍ମ ଶବ୍ଦଗୁଡିକର ସ୍ୱରୂପ ଅବଧାରଣ ପୂର୍ବକ ସେସବୁର ପ୍ରୟୋଗ କ୍ଷେତ୍ରରେ ସାମାର୍ଥ୍ୟ ଲାଭ।
- ଓଡିଆ ଶବ୍ଦ-ଭଣ୍ଡାର ଅନ୍ତର୍ଗତ ଉପରୋକ୍ତ ବିଭିନ୍ନ ଶ୍ରେଣୀଭୁକ୍ତ ଶବ୍ଦାବଳୀର ସ୍ୱରୂପଗତ ସ୍ୱାତନ୍ତ୍ର୍ୟ ଅବଧାରଣ ସହ ସେସବୁର ଯଥୋଚିତ ପ୍ରୟୋଗ ଦିଗରେ ନିପୁଣତା ଲାଭ।

## ୩.୩ ବିଷୟ ପରିଚୟ

ଓଡିଆ ଶବ୍ଦ-ଭଣ୍ଡାର ବେଶ୍ ସମୃଦ୍ଧ। ଓଡିଆ ଭାଷା, ତାର ରୂପଲାବଣ୍ୟ ସହ ସମୃଦ୍ଧିଶାଳୀ ଶବ୍ଦବିଭବ ପାଇଁ ଅନ୍ୟ ଆଧୁନିକ ଭାରତୀୟ ଆର୍ଯ୍ୟଭାଷାଗୁଡ଼ିକ ମଧ୍ୟରେ ଏକ ଐତିହ୍ୟ ସଂପନ୍ନ ମୌଳିକ ତଥା ସମୃଦ୍ଧ ଭାଷା ଭାବେ ଶାସ୍ତ୍ରୀୟ ସ୍ୱୀକୃତି ଲାଭ କରିବାକୁ ଯୋଗ୍ୟ ବିବେଚିତ ହୋଇଅଛି। ଓଡିଆ ଶବ୍ଦ-ଭଣ୍ଡାରରେ ବିଭିନ୍ନ

ଶ୍ରେଣୀଭୁକ୍ତ ଅସଂଖ୍ୟ ଶବ୍ଦର ସମାବେଶ ଘଟିଥିବା ଦେଖିବାକୁ ମିଳୁଅଛି। ଏହି ଶାବ୍ଦିକ ଶ୍ରେଣୀଗୁଡିକ ମଧ୍ୟରୁ ଅର୍ଥଗତ ବୈଶିଷ୍ଟ୍ୟ ପ୍ରଖ୍ୟାପକ ଦୁଇଟି ଶ୍ରେଣୀ ; ଯଥା- 'ଏକାର୍ଥ ବୋଧକ ଶବ୍ଦ', 'ବିପରୀତାର୍ଥ ବୋଧକ ଶବ୍ଦ' ତଥା ରୂପଗତ ବୈଶିଷ୍ଟ ପ୍ରଖ୍ୟାପକ ଗୋଟିଏ ଶ୍ରେଣୀ ; ଯଥା- 'ଯୁଗ୍ମଶବ୍ଦ' ସଂପର୍କରେ ପରବର୍ତ୍ତୀ ସ୍ୱତନ୍ତ୍ର ପର୍ଯ୍ୟାୟରେ ଆଲୋଚନା କରାଯିବ।

## ୩.୪ ଓଡିଆ ଏକାର୍ଥବୋଧକ ଶବ୍ଦ

ଓଡିଆ ଭାଷାରେ ଏକଅର୍ଥ ପ୍ରକାଶକ ଅର୍ଥାତ୍ ଏକ ଅର୍ଥରେ ଏକାଧିକ ଶବ୍ଦର ବ୍ୟବହାର ପରିଲକ୍ଷିତ ହୋଇଥାଏ। ବିଭିନ୍ନ ଶବ୍ଦର ରୂପଗତ ଭିନ୍ନତା ଅନୁଭୂତ ହେଉଥିଷଲ ହେଁ, ସେଗୁଡ଼ିକ ଗୋଟିଏ ଅର୍ଥରେ ବ୍ୟବହୃତ ହେଉଥିବା ଦେଖିବାକୁ ମିଳିଥାନ୍ତି। ଏହି ଶ୍ରେଣୀର ଏକାଅର୍ଥ ପ୍ରକାଶକ ବିଭିନ୍ନ ଶବ୍ଦଗୁଡ଼ିକୁ ଏକାର୍ଥବୋଧକ, ପ୍ରତିଶବ୍ଦ ବା ପର୍ଯ୍ୟାୟବାଚୀ ଶବ୍ଦ କୁହାଯାଏ।

ସଂସ୍କୃତ ଭାଷାରେ ରଚିତ ଅମର ସିଂହଙ୍କ 'ଅମର କୋଷ' ଗ୍ରନ୍ଥଟି ସଂସ୍କୃତ ଭାଷା ଅନ୍ତର୍ଗତ ଏହି ଏକାର୍ଥବୋଧକ ବା ପର୍ଯ୍ୟାୟବାଚୀ ଶବ୍ଦଗୁଡିକର ଏକ ଆକର ଗ୍ରନ୍ଥ ଭାବେ ଆତ୍ମପ୍ରକାଶ ଲାଭ କରିଥିବା ଦେଖିବାକୁ ମିଳେ। ସେହିପରି ଉପେନ୍ଦ୍ର ଭଞ୍ଜଙ୍କଦ୍ୱାରା ଓଡିଆ ଭାଷାରେ ରଚିତ ହୋଇଥିବା 'ଗୀତାଭିଧାନ' ଶୀର୍ଷକ ଗ୍ରନ୍ଥଟିରେ ମଧ୍ୟ ମୋଟ୍ ୯୨୫ଟି ଶବ୍ଦର ବିଭିନ୍ନ ପ୍ରତିଶବ୍ଦ ବା ପର୍ଯ୍ୟାୟବାଚୀ ଶବ୍ଦର ଅବତାରଣା ଗୀତାକାରରେ ପ୍ରଦତ୍ତ ହୋଇଥିବା ଦେଖିବାକୁ ମିଳେ।

ଓଡିଆ ଭାଷାରେ ଅଧୁନା ବ୍ୟବହୃତ ହେଉଥିବା ଏହି ଏକାର୍ଥବୋଧକ ଶବ୍ଦଗୁଡିକ ମଧ୍ୟରୁ କେତୋଟିର ଦୃଷ୍ଟାନ୍ତ ନିମ୍ନରେ ଅବତାରଣା କରାଗଲା। ଯଥା –

ଅନ୍ଧକାର – ଅମା, ତମସା, ତିମିର, ଅନ୍ଧାର।

ଅମୃତ – ଅମିୟ, ପୀୟୁଷ, ସୁଧା।

ଅସୁର –ଦନୁଜ, ଦାନବ, ଦୈତ୍ୟ, ରାକ୍ଷସ।

ଆଇନା – ଆରଶି, ଦର୍ପଣ, ମୁକୁର।

ଆକାଶ – ଅନ୍ତରୀକ୍ଷ, ଅମ୍ବର, ଗଗନ, ନଭ, ବ୍ୟୋମ।

ଆଖି – ଚକ୍ଷୁ, ନୟନ, ନେତ୍ର, ଲୋଚନ।

ଆଲୋକ – ଆଲୁଅ, ଜ୍ୟୋତି, ତେଜ, ଦୀପ୍ତି, ଦ୍ୟୁତି,ପ୍ରଭା।

ଇଚ୍ଛା – ଅଭିଳାଷ, ଆକାଂକ୍ଷା, କାମନା, ବାସନା, ମନୋରଥ।

ଇନ୍ଦ୍ର – ବାସବ, ମଘବା ପୁରନ୍ଦର, ସହସ୍ରାକ୍ଷ, ସୁରପତି।

କାନ – କର୍ଣ୍ଣ, ଶ୍ରବଣ, ଶ୍ରୁତି।

କୋଇଲି – କଳକଣ୍ଠ,କୋକିଳ, ପିକ।

କ୍ଷୀର - ଗୋରସ, ଦୁଗ୍ଧ ଦୁଧ, ନିତ୍ୟାନି,

ଗଛ - ଅଟବୀ, ତରୁ, ଦ୍ରୁମ, ପାଦପ, ବୃକ୍ଷ।

ଗଣେଶ - ଏକଦନ୍ତ, ଲମ୍ବୋଦର, ଗଜାନନ, ବିଘ୍ନରାଜ, ବିନାୟକ।

ଘର - ଗୃହ, ନିବାସ, ଆଳୟ, ଆବାସ।

ଘୋଡା - ଅଶ୍ୱ, ଘୋଟକ, ତୁରଗ, ତୁରଙ୍ଗ , ବାଜୀ।

ଚନ୍ଦ୍ର - କଳାକର, ଚନ୍ଦ୍ରମା, ଚାନ୍ଦ, ଜହ୍ନ, ନିଶାକର, ସୁଧାକର, ଶଶୀ।

ଜଳ - ଅମ୍ବୁ, ଉଦକ, ପୟ, ପାଣି, ବାରି, ସଲିଳ।

ଦୁର୍ଗା - ଗୌରୀ, କାତ୍ୟାୟନୀ, କାଳୀ, ଚଣ୍ଡିକା, ଅମ୍ବିକା।

ଦେବତା - ସୁର, ଅମର, ଗୀର୍ବାଣ, ତ୍ରିଦଶ, ଦିଅଁ, ଦେବ, ବୃନ୍ଦାରକ।

ନଦୀ - ତଟିନୀ, ତରଙ୍ଗିଣୀ, ନଈ, ନିମ୍ନଗା, ସରିତ, ସ୍ରୋତସ୍ୱିନୀ।

ନିଆଁ - ଅଗ୍ନି, ଅନଳ, ବହ୍ନି, ବୈଶ୍ୱନର, ହୁତାଶନ।

ପଦ୍ମ - ଅରବିନ୍ଦ, ଉତ୍ପଳ, କମଳ, ନଳିନୀ, ପଙ୍କଜ, ସରସିଜ।

ପବନ - ଅନିଳ, ବାୟୁ, ମରୁତ, ସମୀରଣ।

ପର୍ବତ - ଅଚଳ, ଅଦ୍ରି,ଗିରି, ଭୂଧର, ମହୀଧର, ଶୈଳ।

ପୋଖରୀ - ତଡ଼ାଗ, ପୁଷ୍କରିଣୀ, ସରସୀ, ସରୋବର।

ପୃଥିବୀ - ଅବନୀ, ଧରଣୀ,ବସୁଧା, ବସୁନ୍ଧରା, ମହୀ।

ଫୁଲ - କୁସୁମ, ପ୍ରସୂନ, ପୁଷ୍ପ, ସୁମନ।

ବଗିଚା - ଉଦ୍ୟାନ, ଉପବନ, ତୋଟା, ବାଡି।

ବନ - ଅଟବୀ, ଅରଣ୍ୟ, କାନନ, ବଣ, ବିପିନ।

ବରଫ - ତୁହିନ, ତୁଷାର,ନୀହାର, ହିମ।

ବହି - ଗ୍ରନ୍ଥ, ପୁସ୍ତକ, ପୋଥି।

ବୁଢ଼ା - ଅଥର୍ବ, ପ୍ରୌଢ, ବୃଦ୍ଧ, ସ୍ଥବିର।

ବେଶ୍ୟା - କୁଳଟା, ଗଣିକା, ଦାରୀ, ବାରବଧୂ, ରୂପଜୀବୀ, ସ୍ୱୈରିଣୀ।

ଭୃତ୍ୟ - କିଙ୍କର, ଚାକର, ଦାସ, ନୌକର।

ମନ୍ଦିର - ଗୁଡ଼ି, ଦେଉଳ, ଦେବସ୍ଥାନ, ଦେବାଳୟ।

ମୟୂର - କଳାପୀ, କେକୀ, ବର୍ହୀ, ଶିଖୀ।

ମହକ - ଗନ୍ଧ, ବାସ, ବାସ୍ନା, ସୁଗନ୍ଧ, ସୁବାସ।

ମେଘ/ ଅମ୍ବୁଦ - ଘନ,ଜଳଦ, ଜୀମୂତ, ନୀରଦ, ବାରିଦ, ବାରିବାହ।

ଯତି - ତପସ୍ୱୀ, ମୁନି, ସନ୍ନ୍ୟାସୀ।

ଯାଦୁକର - ଐନ୍ଦ୍ରଜାଲିକ, ବାଜିକର, ଭୋଜବିତ୍, ମାୟାକର।

ରକ୍ତ - ରୁଧିର, ଲହୁ, ଶୋଣିତ।

ରାତି - ନିଶା, ନିଶିଥିନୀ, ବିଭାବରୀ, ଯାମିନୀ, ରଜନୀ, ଶର୍ବରୀ।

ଲକ୍ଷ୍ମୀ - ପଦ୍ମାଳୟା, କମଳା, ଲୋକମାତା, ରମା।

ଶର - ତୀର, ନାରାଚ, ବାଣ, ବିଶିଖ, ଶାୟକ।

ଶରୀର - କଳେବର, କାୟା, ଗାତ୍ର, ତନୁ, ଦେହ।

ସଂନ୍ଧ୍ୟା - ଗୋଧୂଳି, ନିଶିମୁଖ, ସଞ୍ଜ, ସାୟାହ୍ନ।

ସମୁଦ୍ର - ଜଳଧି, ପାରାବାର, ବାରାନିଧି, ରତ୍ନାକର, ସାଗର, ସିନ୍ଧୁ।

ସାପ - ଅହି, ଉରଗ, କୁଣ୍ଡଳୀ, ଫଣୀ, ଭୁଜଙ୍ଗ, ସର୍ପ।

ସିଂହ - କଣ୍ଠୀବର, କେଶରୀ, ପଶୁରାଜ, ଶାର୍ଦ୍ଦୁଳ।

ସୁନା - କାଞ୍ଚନ, ସୁବର୍ଣ୍ଣ, ହିରଣ୍ୟ, ହେମ।

ସୂର୍ଯ୍ୟ - ଅର୍କ, ଅରୁଣ, ଆଦିତ୍ୟ, ତପନ, ଦିବାକର, ଭାନୁ, ମିହିର, ରବି, ସବିତା।

ସ୍ତ୍ରୀ - ଅର୍ଦ୍ଧାଙ୍ଗିନୀ, ଘରଣୀ, ଜାୟା, ପତ୍ନୀ, ବଲ୍ଲଭୀ, ଭାର୍ଯ୍ୟା।

ସ୍ୱର୍ଗ - ଗୋଲୋକ, ତ୍ରିଦିବ, ଦେବଲୋକ, ପରଲୋକ, ବୈକୁଣ୍ଠ।

ହାତୀ - କରୀ, କୁଞ୍ଜର, ଗଜ, ଦ୍ୱିପ, ମାତଙ୍ଗୀ, ହସ୍ତୀ।

ହୃଦୟ - ଅନ୍ତର, ବକ୍ଷ, ବୁକୁ, ହିଆ।

## ୩.୫ ବିପରୀତାର୍ଥବୋଧକ ଶବ୍ଦ

ଓଡିଆ ଭାଷାରେ କେତେକ ଶବ୍ଦର ବିବରୀତାର୍ଥକ ବା କେତେକ କ୍ଷେତ୍ରରେ ଆପେକ୍ଷିକ ବିପରୀତାର୍ଥକ ଶବ୍ଦର ବ୍ୟବହାର ପରିଲକ୍ଷିତ ହୋଇଥାଏ। ଦୃଷ୍ଟାନ୍ତ ସ୍ୱରୂପ, ଓଡିଆ ଭାଷାରେ ବିଶେଷଣ ପଦ ଭାବେ ବ୍ୟବହୃତ ହେଉଥିବା 'ଗୁରୁ' ଶବ୍ଦଟି 'ଭାରୀ' ଅର୍ଥକୁ ପ୍ରକାଶ କରିଥାଏ। ଏହାର ବିପରୀତାର୍ଥକ ଶବ୍ଦ ଭାବେ 'ଲଘୁ' ଶବ୍ଦଟିର ପ୍ରଚଳନ ପରିଲକ୍ଷିତ ହୁଏ, ଯା ହା ଅନୁରୂପ ଭାବେ ବିଶେଷଣ ପର୍ଯ୍ୟାୟର ଏବଂ 'ହାଲୁକା' ଅର୍ଥକୁ ବୁଝାଇବାରେ ସମର୍ଥ। ସୁତରାଂ 'ଗୁରୁ' ଶବ୍ଦଟିର ସଂପୂର୍ଣ୍ଣ ବିପରୀତାର୍ଥକ ଶବ୍ଦ ଭାବେ 'ଲଘୁ' ଶବ୍ଦଟିର ସୃଷ୍ଟି ଘଟିଛି ବୋଲି କୁହଯାଇପାରେ। ମାତ୍ର 'ଶିକ୍ଷାଦାତା' ଅର୍ଥରେ ବ୍ୟବହୃତ 'ଗୁରୁ' ଶବ୍ଦଟି ବିଶେଷ୍ୟ ପର୍ଯ୍ୟାୟର, ଯାହାର ବିପରୀତାର୍ଥକ ଶବ୍ଦ ଭାବେ 'ଶିକ୍ଷାଗ୍ରହୀତା' ବା 'ଛାତ୍ର' ଅର୍ଥ ପ୍ରକାଶକ 'ଶିଷ୍ୟ' ଶବ୍ଦଟିର ବ୍ୟବହାର ଅନୁଭୂତ ହୁଏ। ଏହି 'ଶିଷ୍ୟ' ଶବ୍ଦଟି ଅନୁରୂପ ଭାବେ ବିଶେଷ୍ୟ ପର୍ଯ୍ୟାୟର। ସୁତରାଂ 'ଶିଷ୍ୟ' ଶବ୍ଦଟିକୁ 'ଗୁରୁ' ଶବ୍ଦର ଏକ ଆପେକ୍ଷିକ ବିପରୀତାର୍ଥକ ଶବ୍ଦ ଭାବେ ଗ୍ରହଣ କରାଯାଏ। ଏହି ଆପେକ୍ଷିକ ପର୍ଯ୍ୟାୟର ଅନ୍ୟ କେତେକ ବିପରୀତାର୍ଥକ ଶବ୍ଦ ମଧ୍ୟରେ ଖଟା - ମିଠା, ଖାତକ - ମହାଜନ, ଜଳ - ସ୍ଥଳ, ଦୈର୍ଘ୍ୟ - ପ୍ରସ୍ଥ, ପ୍ରଶ୍ନ - ଉତ୍ତର, ପିଲା - ବୁଢ଼ା, ପୁରୋହିତ - ଯଜମାନ, ସ୍ୱର୍ଗ - ମର୍ତ୍ତ୍ୟ ପ୍ରଭୃତି ଅନ୍ୟତମ।

ଓଡିଆରେ କେତେକ ସ୍ଥଳରେ ବିପରୀତାର୍ଥବୋଧକ ଶବ୍ଦ ଦୁଇ ପ୍ରକାର ହୋଇଥିବା ଦେଖାଯାଏ । ଯଥା-

'ସୁନ୍ଦର ର ବିପରୀତ 'ଅସୁନ୍ଦର','କୁତ୍ସିତ' ।

'ବ୍ରାହ୍ମଣ' ର ବିପରୀତ 'ଅବ୍ରାହ୍ମଣ', 'ଚଣ୍ଡାଳ' ।

ଓଡିଆରେ ସାଧାରଣତଃ ତତ୍ସମ ଶବ୍ଦ ପାଇଁ ତତ୍ସମ ଶବ୍ଦର, ବିଶେଷ୍ୟ ବା ବିଶେଷଣବାଚକ ଶବ୍ଦ ପାଇଁ ଅନୁରୂପ ଶ୍ରେଣୀର ବିପରୀତାର୍ଥ ବୋଧକ ଶବ୍ଦ ବ୍ୟବହୃତ ହେଉଥିବା ଦେଖାଯାଏ । ଅନେକ କ୍ଷେତ୍ରରେ 'ଅ-' ବ୍ୟବହୃତ ହୋଇ ବିପରୀତାର୍ଥବୋଧକ ଶବ୍ଦର ପ୍ରଚଳନ ଘଟିଥିବା ଲକ୍ଷ୍ୟ କରାଯାଏ ।

ଓଡିଆ ଭାଷାରେ ବ୍ୟବହୃତ କେତେକ ବିପରୀତାର୍ଥବୋଧକ ଶବ୍ଦର ଦୃଷ୍ଟାନ୍ତ ନିମ୍ନରେ ପ୍ରଦାନ କରାଗଲା । ଯଥା - ଅଗ-ମୂଳ, ଅନୁକୂଳ-ପ୍ରତିକୂଳ, ଅନୁରାଗ-ବିରାଗ, ଅପେକ୍ଷା-ଉପେକ୍ଷା, ଅଭିଜ୍ଞ-ଅନଭିଜ୍ଞ, ଅସଲି-ନକଲି, ଅସୀମ-ସସୀମ, ଆଚାର-ଅନାଚାର, ଆଦର- ଅନାଦର, ଆଦ୍ୟ-ପ୍ରାନ୍ତ, ଆଦାନ-ପ୍ରଦାନ, ଆନନ୍ଦ-ନିରାନନ୍ଦ, ଆପଣା-ପର, ଆବାହନ-ବିସର୍ଜନ, ଆବିଳ-ଅନାବିଳ, ଆବୃତ-ଅନାବୃତ, ଆମିଷ-ନିରାମିଷ, ଆୟ-ବ୍ୟୟ, ଆୟତ୍ତ-ଅଣାୟତ୍ତ, ଆଶୀବାର୍ଦ- ଅଭିଶାପ, ଆସ୍ତିକ-ନାସ୍ତିକ, ଇହ-ପର, ଇଷ୍ଟ-ଅନିଷ୍ଟ, ଉତ୍କର୍ଷ-ଅପକର୍ଷ, ଉଚ୍ଚ-ନୀଚ, ଉତ୍ଥାନ-ପତନ, ଉନ୍ନତି- ଅବନତି, ଉଦାର-ଅନୁଦାର, ଉଦୟ- ଅସ୍ତ, ଉପକାର-ଅପକାର, ଉତ୍ସାହ-ନିରୁତ୍ସାହ, ଐହିକ-ପାରତ୍ରିକ, କପଟ-ନିଷ୍କପଟ, କାରଣ-ଅକାରଣ, କୀର୍ତ୍ତି-ଅକୀର୍ତ୍ତି, କୋମଳ-କଠିନ, କୃତଜ୍ଞ-ଅକୃତଜ୍ଞ/କୃତଘ୍ନ, କୃପଣ-ବଦାନ୍ୟ, ଖାଣ୍ଟି -ଭେଜାଲ, ଖାଲ-ଢ଼ିପ, ଗଭୀର-ଅଗଭୀର, ଗୁରୁ-ଲଘୁ, ଘନ-ତରଳ, ଚଞ୍ଚଳ-ଧୀର, ଚିହ୍ନା-ଅଚିହ୍ନା, ଚେତନ-ଅଚେତନ, ଜନ୍ମ-ମରଣ, ଜୁଆର-ଭଟ୍ଟା, ଜ୍ୟେଷ୍ଠ-କନିଷ୍ଠ, ଜ୍ଞାତ-ଅଜ୍ଞାତ, ଟାଣ-ନରମ, ଡେଙ୍ଗା-ଗେଡା, ଢଙ୍କା-ଅଢ଼ଙ୍କା, ତେଲିଆ-ନୁଖୁରା, ତୋଷ-ରୋଷ, ଥଣ୍ଡା-ଗରମ, ଥୟ-ଅଥୟ, ଦୟାଳୁ-ନିର୍ଦ୍ଦୟ, ଦରକାରୀ-ଅଦରକାରୀ, ଦାତା-ଗ୍ରହୀତା, ଦୁର୍ବଳ-ସବଳ, ଦୁଷ୍ଟ-ଶିଷ୍ଟ, ଦୂର-ନିକଟ, ଦେଣା-ପାଉଣା, ଦୋଷୀ-ନିର୍ଦ୍ଦୋଷ, ଧନୀ-ନିର୍ଦ୍ଧନ, ଧର୍ମ-ଅଧର୍ମ, ଧାରୁଆ-ଦହୁଡା, ଧୀର-ଚଞ୍ଚଳ, ଧୋଇ-ମରୁଡି, ଧୈର୍ଯ୍ୟ-ଅଧୈର୍ଯ୍ୟ, ନବୀନ-ପ୍ରାଚୀନ, ନିତ୍ୟ-ଅନିତ୍ୟ, ନିନ୍ଦା-ପ୍ରଶଂସା, ନିରପେକ୍ଷ-ସାପେକ୍ଷ, ନୀତି-ଅନୀତି, ନୂତନ-ପୁରାତନ, ନ୍ୟାୟ-ଅନ୍ୟାୟ, ପରାଧୀନ-ସ୍ୱାଧୀନ, ପରୋକ୍ଷ- ପ୍ରତ୍ୟକ୍ଷ, ପାପ-ପୁଣ୍ୟ, ପୀଡିତ-ସୁସ୍ଥ, ପୁରସ୍କାର-ତିରସ୍କାର, ପ୍ରତିଲୋମ-ଅନୁଲୋମ, ପ୍ରବୃତ୍ତି-ନିବୃତ୍ତି, ପ୍ରସନ୍ନ-ଅପ୍ରସନ୍ନ, ପ୍ରାକୃତିକ-ଅପ୍ରାକୃତିକ/କୃତ୍ରିମ, ଫକିର - ଅମିର, ବକ୍ତା-ଶ୍ରୋତା, ବନ୍ଧନ-ମୋଚନ, ବଳକା-ନିଅଣ୍ଟ, ବାଧ-ଅବାଧ, ବାହାର-ଭିତର, ବାସ୍ତବ-ଅବାସ୍ତବ, ବିକୃତ-ଅବିକୃତ, ବିକ୍ରେତା -କ୍ରେତା, ବିଧବା-ସଧବା, ବିଫଳ-ସଫଳ, ବିବେକୀ-ଅବିବେକୀ, ବିଯୁକ୍ତ-ଯୁକ୍ତ, ବିଯୋଗ-ସଂଯୋଗ, ବିରକ୍ତ-ଅନୁରକ୍ତ, ବିରକ୍ତି-ଅନୁରକ୍ତି, ବିରାଗୀ-ଅନୁରାଗୀ, ବିରୁଦ୍ଧ-ସପକ୍ଷ, ବିସ୍ମରଣ-ସ୍ମରଣ,, ବେରାମ-ଆରାମ, ଭଦ୍ର-ଅଭଦ୍ର, ଭୟ-ନିର୍ଭୟ/ଅଭୟ, ଭଲ-ମନ୍ଦ, ଭକ୍ଷକ -ରକ୍ଷକ, ଭାବ-ଅଭାବ, ଭିତର-ବାହାର, ଭୀମ-କାନ୍ତ, ଭେଦ-ଅଭେଦ, ମସୃଣ-ବନ୍ଧୁର, ମହରଗ-ଶସ୍ତା, ମାପ-ଅମାପ, ମାୟାବୀ-ନିର୍ମାୟ, ମାରଣ-ତାରଣ, ମିଛ-ସତ, ମୁକୁଳା-ବନ୍ଧା, ମୁଖ୍ୟ-ଗୌଣ, ମୂକ-ବାଚାଳ, ଯଥା-ଅଯଥା, ଯଥାର୍ଥ-ଅଯଥାର୍ଥ, ରୋଗୀ-ନିରୋଗ, ଲବ-ହର, ଲମ୍ବ-ଓସାର/ପ୍ରସ୍ଥ, ଲାଭ-କ୍ଷତି, ଲମ୍ବା-ଚଉଡା, ଲିଖିତ-ମୌଖିକ, ଲେଖା -ଅଲେଖା, ଲୋଭୀ -ନିର୍ଲୋଭ ସକାମ-ନିଷ୍କାମ, ସଲଜ-ନିର୍ଲଜ,

ସସ୍ତୀକ-ଅସ୍ତୀକ, ସାକାର-ନିରାକାର, ସାକ୍ଷର -ନିରକ୍ଷର, ସାମୟିକ-ଚିରନ୍ତନ, ସୁଗମ-ଦୁର୍ଗମ, ସୁଜନ-ଦୁର୍ଜନ ସୁଙ୍ଗ-ଅଙ୍ଗ, ସୁନାମ-ଦୁର୍ନାମ, ସୁପ୍ତ-ଜାଗ୍ରତ, ସୁଲଭ-ଦୁର୍ଲଭ, ସୂକ୍ଷ୍ମ-ସ୍ଥୂଳ, ସ୍ୱକୀୟା-ପରକୀୟା, ସ୍ୱତନ୍ତ୍ର-ପରତନ୍ତ୍ର, ସ୍ୱଦେଶ-ବିଦେଶ, ସ୍ୱାଧୀନ-ପରାଧୀନ, ଶୂନ୍ୟ-ପୂର୍ଣ୍ଣ, ହର୍ଷ-ବିଷାଦ, ହ୍ରାସ-ବୃଦ୍ଧି, ହିସାବୀ-ବେହିସାବୀ, ହ୍ରସ୍ୱ-ଦୀର୍ଘ, ହ୍ରାସ-ବୃଦ୍ଧି, ହୋସ୍ - ବେହୋସ୍ ପ୍ରଭୃତି।

## ୩.୬ ଓଡିଆ ଯୁଗ୍ମ ଶବ୍ଦ

ଓଡିଆ ଭାଷାରେ ବହୁ କାଳରୁ ଦୁଇ ଦୁଇଟି ଶବ୍ଦ ଏକତ୍ର ଯୋଡିହୋଇ ଯୁଗ୍ମ ରୂପରେ ନିର୍ଦ୍ଦିଷ୍ଟ ଅର୍ଥରେ ବ୍ୟବହୃତ ହୋଇଆସିଥିବା ଦେଖିବାକୁ ମିଳିଥାଏ। ଏହି ଯୋଡିଶବ୍ଦଗୁଡ଼ିକରେ ସମ ବା ବିଷମ ଶ୍ରେଣୀର ଦୁଇଟି ଲେଖାଏଁ ଶବ୍ଦ ଯୋଡିହୋଇ ରହୁଥିବାରୁ, ଏଗୁଡିକୁ 'ଯୋଡି-ଶବ୍ଦ' ବା 'ଯୁଗ୍ମ-ଶବ୍ଦ' କୁହଯାଏ।

ଓଡିଆ ଯୁଗ୍ମ ଶବ୍ଦଗୁଡିକ ମଧ୍ୟରୁ କେତେକରେ ଯୋଡିହୋଇ ରହିଥିବା ଦୁଇଟି ଶବ୍ଦ ମଧ୍ୟରୁ ଗୋଟିଏ ଅର୍ଥଯୁକ୍ତ ହୋଇଥିବା ବେଳେ, ଅନ୍ୟଟି ଅର୍ଥହୀନ ହୋଇଥିବା ଦେଖାଯାଏ। ଆଉ କେତେକ ଯୁଗ୍ମ ଶବ୍ଦରେ ଦୁଇଗୋଟି ସମାର୍ଥକ ଶବ୍ଦ ଯୋଡିହୋଇ ରହୁଥିବା ବେଳେ, ଅନ୍ୟ କେତେକରେ ବିପରୀତାର୍ଥକ ଦୁଇଟି ଶବ୍ଦର ଏକତ୍ର ଅବସ୍ଥାନ ଦେଖିବାକୁ ମିଳିଥାଏ। ତେବେ ଏହି ଯୁଗ୍ମ ପର୍ଯ୍ୟାୟର ସମସ୍ତ ଶବ୍ଦ ମୂଳରୁ ଯେପରି କ୍ରମରେ ଯୋଡିହୋଇ ଯୁଗ୍ମ ରୂପରେ ବ୍ୟବହୃତ ହୋଇ ଆସିଛନ୍ତି; ସେଥିରେ ବ୍ୟବହାରଗତ ବ୍ୟତିକ୍ରମ ଘଟିଲେ, ସାମଗ୍ରିକ ଭାବେ ଶବ୍ଦଟିରେ ପ୍ରୟୋଗଗତ ତ୍ରୁଟି ସହ ଅର୍ଥଗତ ବିଚ୍ୟୁତି ପରିଲକ୍ଷିତ ହେବା ସଙ୍ଗେ ସଙ୍ଗେ ଭାଷାର ସୌକୁମାର୍ଯ୍ୟ ବ୍ୟାହତ ହୋଇପଡିଥାଏ।

ଗଠନଗତ ବୈଶିଷ୍ଟ୍ୟ ଆଧାରରେ ଓଡିଆ ଯୁଗ୍ମ ଶବ୍ଦଗୁଡିକୁ ନିମ୍ନଲିଖିତ ବିବିଧ ଶ୍ରେଣୀର ଅନ୍ତର୍ଭୁକ୍ତ କରି ସ୍ୱତନ୍ତ୍ର ଭାବେ ଦର୍ଶାଯାଇପାରେ। ଯଥା -

୧. ବିପରୀତାର୍ଥକ ଦୁଇଟି ଭିନ୍ନ ଶବ୍ଦର ସଂଯୋଗରେ ଯୁଗ୍ମରୂପ: ଏହି ପର୍ଯ୍ୟାୟର ଯୁଗ୍ମ ଶବ୍ଦଗୁଡିକ ମଧ୍ୟରେ ଆଗପଛ, ଆଦାନପ୍ରଦାନ, ଆୟବ୍ୟୟ, ଉଚ୍ଚନୀଚ, ରଣାଅଧିକ, କିଣାବିକା, ଖାଲଢ଼ିପ, ଜନ୍ମମୃତ୍ୟୁ, ଜାତିଅଜାତି, ଜୀବନମରଣ, ଦିଆନିଆ, ଦିନରାତି, ଦୋଷଗୁଣ, ନ୍ୟାୟଅନ୍ୟାୟ, ପାପପୁଣ୍ୟ, ମାନଅପମାନ, ଲାଭକ୍ଷତି, ସତମିଛ, ସୁଖଦୁଃଖ, ହସକାନ୍ଦ, ହାନିଲାଭ, ହିତାହିତ ପ୍ରଭୃତି ଅନ୍ୟତମ।

୨. ପ୍ରାୟ ସମାର୍ଥବୋଧକ ଦୁଇଟି ଭିନ୍ନ ଶବ୍ଦର ସଂଯୋଗରେ ଯୁଗ୍ମରୂପ: ଏହି ପର୍ଯ୍ୟାୟର ଯୁଗ୍ମ ଶବ୍ଦଗୁଡିକ ମଧ୍ୟରେ ଆଶାଭରସା, କଳିକଜିଆ, ଖୋଜଖବର, ଗୋରୁଗାଈ, ଚାଲିଚଳନ, ଜଣାଶୁଣା, ଟଙ୍କାପଇସା, ଥଟ୍ଟାତାମସା, ଦାନଧର୍ମ, ଦେଖାଚାହାଁ, ଧନରତ୍ନ, ଧାରଉଧାର, ପାଟିତୁଣ୍ଡ,ପୋଥିପତ୍ର, ବନ୍ଧୁବାନ୍ଧବ, ବେଶଭୂଷା, ମାନମର୍ଯ୍ୟାଦା, ରୀତିନୀତି, ସୁଖଶାନ୍ତି, ସେବାଶୁଶ୍ରୂଷା ଶାନ୍ତଶିଷ୍ଟ ପ୍ରଭୃତିଅନ୍ୟତମ।

୩. ସମଶ୍ରେଣୀୟ ବା ସମ୍ବନ୍ଧଯୁକ୍ତ ଦୁଇଟି ଭିନ୍ନ ଶବ୍ଦର ସଂଯୋଗରେ ଯୁଗ୍ମରୂପ : ଏହି ପର୍ଯ୍ୟାୟର ଶବ୍ଦଗୁଡ଼ିକ ମଧ୍ୟରେ କଥାବାର୍ତ୍ତା, କୁଆକୋଇଲି, କୂଅପୋଖରୀ, ଘରଦ୍ୱାର, ଚୋରଚଣ୍ଡାଳ, ଝାଟିମାଟି, ଥଳକୂଳ, ଦେହମୁଣ୍ଡ, ନାମଧାମ, ବଳବୟସ, ବାଟଘାଟ, ବିଲବାଡି, ଭୟଭ୍ରାନ୍ତି ପ୍ରଭୃତି ଅନ୍ୟତମ।

୪. ଦ୍ୱିରୁକ୍ତି ମୂଳକ ଯୁଗ୍ମରୂପ :

କ) ସାମାନ୍ୟ ଭିନ୍ନାତ୍ମକ ଦ୍ୱିରୁକ୍ତି : ଏହି ଶ୍ରେଣୀର ଯୁଗ୍ମ ଶବ୍ଦଗୁଡ଼ିକ ମଧ୍ୟରେ ଖେଳାଖେଳି, ଠେଙ୍ଗାଠେଙ୍ଗି, ମୁହାଁମୁହିଁ, ଲଗାଲଗି, ଲେଖାଲେଖି, ଶୁଣାଶୁଣି, ହସାହସି, ହାତାହାତି ପ୍ରଭୃତି ଅନ୍ୟତମ।

ଖ) ଅବିକଳ ଦ୍ୱିରୁକ୍ତି : ଏହି ଶ୍ରେଣୀର କେତେକ ଯୁଗ୍ମ ଶବ୍ଦ ମଧ୍ୟରେ କାନ୍ଦକାନ୍ଦ, କହୁଁକହୁଁ, ଘରଘର, ଛନଛନ, ଛଳଛଳ, ଜଳଜଳ, ଢ଼ଳଢ଼ଳ, ତରତର, ଥରଥର, ଦେଖୁଦେଖୁ, ଶୁଣୁଶୁଣୁ, ହସୁହସୁ ପ୍ରଭୃତି ଅନ୍ୟତମ।

୫. ଅର୍ଥହୀନ ଓ ଅର୍ଥଯୁକ୍ତ ଦୁଇଟି ଶବ୍ଦର ସଂଯୋଗରେ ଯୁଗ୍ମରୂପ : ଏହି ଶ୍ରେଣୀର କେତେକ ଶବ୍ଦ ମଧ୍ୟରେ ଅଦଳବଦଳ, ଆଖପାଖ, ଆବାକାବା, କନ୍ଦାକଟା, କରଜବାରଜ, କାମଦାମ, ଖର୍ଚ୍ଚବାର୍ଚ୍ଚ, ଗପସପ, ଗାଁଗଣ୍ଡା, ଚାକରବାକର, ଡକାହକା, ଢଙ୍ଗଣଙ୍ଗ, ଥରହର, ପିଲାକବିଲା, ପେଟପାଟଣା, ବଙ୍କାଟଙ୍କା, ମାପଚୁପ, ଯାନିଯାତ୍ରା, ସଜବାଜ, ଲୋକବାକ ପ୍ରଭୃତି ଅନ୍ୟତମ।

୬. ଧ୍ୱନ୍ୟାତ୍ମକ ଯୁଗ୍ମଶବ୍ଦ : ଏହି ପର୍ଯ୍ୟାୟର ଶବ୍ଦଗୁଡିକ ମଧ୍ୟରେ କଳକଳ, ଖସ୍‌ଖସ୍, ଖିଲିଖିଲି, ଗଁଗଁ, ଚଡ଼୍‌ଚଡ଼୍, ଝମ୍‌ଝମ୍, ଠକ୍‌ଠକ୍, ଠୋଠୋ, ଦୁମ୍‌ଦୁମ୍, ପିଚ୍‌ପିଚ୍, ଫୁସ୍‌ଫୁସ୍, ସୁସୁ, ସିରିସିରି ପ୍ରଭୃତି ଅନ୍ୟତମ।

## ୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### ୧. ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

କ) ଓଡିଆ ଭାଷାରେ ବ୍ୟବହୃତ ହେଉଥିବା ଏକାର୍ଥବୋଧକ ଶବ୍ଦଗୁଡିକର ପରିଚୟ ଦିଅ।

ଖ) ଓଡିଆ ଭାଷାରେ ପରିଲକ୍ଷିତ ହେଉଥିବା ବିଭିନ୍ନ ବିପରୀତାର୍ଥବୋଧକ ଶବ୍ଦଗୁଡିକର ସ୍ୱରୂପ ଦର୍ଶାଅ।

ଗ) ଓଡିଆ ଯୁଗ୍ମ ଶବ୍ଦଗୁଡିକର ସ୍ୱରୂପ ବିଶ୍ଳେଷଣ କର।

### ୨. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ

କ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ।

ଚନ୍ଦ୍ର, ଘୋଡା, ନଦୀ, ପର୍ବତ, ଲକ୍ଷ୍ମୀ

ଖ) ନିମ୍ନଲିଖିତ ଶବ୍ଦଗୁଡିକର ବିପରୀତାର୍ଥ ବୋଧକ ଶବ୍ଦ ଦର୍ଶାଅ।

ଦୋଷୀ, ନିରପେକ୍ଷ, ପ୍ରବୃତ୍ତି, ବିରକ୍ତ, ସକାମ

ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକରେ ଉପଯୁକ୍ତ ଶବ୍ଦ ଲଗାଇ ଯୁଗ୍ମ ଶବ୍ଦ ଗଠନ କର।

କିଣା-, ଜଗା-, ଡକା-, ଦିଆ-, ଧାର-।

## ୩.୮ ସହାୟକ ଗ୍ରନ୍ଥସୂଚୀ


- ଆଧୁନିକ ଓଡିଆ ବ୍ୟାକରଣ-ଡକ୍ଟର ଧନେଶ୍ୱର ମହାପାତ୍ର
- ବ୍ୟାବହାରିକ ଓଡିଆ ବ୍ୟାକରଣ-ଡକ୍ଟର ହର ପ୍ରସାଦ ମିଶ୍ର
- ସାରସ୍ୱତ ବ୍ୟାବହାରିକ ଓଡିଆ ବ୍ୟାକରଣ-ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ

# ଚତୁର୍ଥ ଏକକ

# ଓଡିଆ ସମୋଚ୍ଚାରିତ ଶବ୍ଦ ଓ ଭିନ୍ନାର୍ଥବୋଧକ ଶବ୍ଦ

**ବିଷୟ ଗଠନ :**

୪.୧ ପଠନର ଉଦ୍ଦେଶ୍ୟ
୪.୨ ଶିକ୍ଷଣୀୟ ବିଷୟ
୪.୩ ବିଷୟ ପରିଚୟ
୪.୪ ଓଡିଆ ସମୋଚ୍ଚାରିତ ଶବ୍ଦ
୪.୫ ଓଡିଆ ଭିନ୍ନାର୍ଥବୋଧକ ଶବ୍ଦ
୪.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୪.୭ ସହାୟକ ଗ୍ରନ୍ଥସୂଚୀ

## ୪.୧ ପଠନର ଉଦ୍ଦେଶ୍ୟ

ଏହି ଏକକଟିର ଅଧ୍ୟୟନ ଶେଷରେ ଶିକ୍ଷାର୍ଥୀମାନେ ଜାଣିବାକୁ ପାଇବେ :

- ଓଡିଆ ଭାଷାରେ ବିଭିନ୍ନ ସମୋଚ୍ଚାରିତ ତଥା ଭିନ୍ନ ଅର୍ଥପ୍ରକାଶକ ଶବ୍ଦଗୁଡ଼ିକର ପୂର୍ଣ୍ଣ ପରିଚୟ ।
- ଓଡିଆ ଭାଷା ଅନ୍ତର୍ଗତ ଯେଉଁ କେତେକ ଶବ୍ଦ ବିଭିନ୍ନ ସ୍ଥଳ ବିଶେଷରେ ବ୍ୟବହୃତ ହୋଇ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶରେ ସମର୍ଥ ହେଉଛନ୍ତି, ସେହି ଭିନ୍ନାର୍ଥବୋଧକ ଶବ୍ଦଗୁଡ଼ିକର ପୂର୍ଣ୍ଣ ପରିଚୟ ।

## ୪.୨ ଶିକ୍ଷଣୀୟ ବିଷୟ

- ଓଡିଆ ଭାଷାରେ ବ୍ୟବହୃତ ସମୋଚ୍ଚାରିତ ଶବ୍ଦଗୁଡିକର ସ୍ୱରୂପ ଅବବୋଧ ସହ ସମୋଚ୍ଚାରିତ ଶବ୍ଦଗୁଡ଼ିକର ଅର୍ଥଗତ ସ୍ୱାତନ୍ତ୍ର୍ୟ ସଂପର୍କରେ ବିଶେଷ ଜ୍ଞାନଲାଭ ।
- ଏକାଧିକ ଅର୍ଥ ପ୍ରକାଶକ ବିଭିନ୍ନ ଓଡିଆ ଶବ୍ଦର ରୂପଗତ ପରିଚିତି ସହ ସେସବୁର ବ୍ୟବହାଗତ ବିବିଧ ଅର୍ଥ ସଂପର୍କରେ ସ୍ପଷ୍ଟ ଜ୍ଞାନଲାଭ ।

## ୪.୩ ବିଷୟ ପରିଚୟ

ଓଡିଆ ବର୍ଣ୍ଣମାଳା ଅନ୍ତର୍ଗତ ବର୍ଣ୍ଣସମୂହ ସଂସ୍କୃତ ବର୍ଣ୍ଣମାଳାର ଆଦର୍ଶରେ ପ୍ରସ୍ତୁତ ହୋଇଥିବାରୁ, ଏଥିରେ ଓଡିଆମାନଙ୍କ ମୁଖରେ ଉଚ୍ଚାରିତ ହେଉନଥିବା କେତୋଟି ବର୍ଣ୍ଣର ସମାବେଶ ଘଟିଥିବା ଦେଖିବାକୁ ମିଳୁଅଛି । ବିଶେଷକରି ଓଡିଆମାନଙ୍କ ମୁଖର ଭାଷାରେ ଦୀର୍ଘ 'ଈ', ଦୀର୍ଘ 'ଊ', ଅବର୍ଗ୍ୟ 'ଯ', ତାଲବ୍ୟ 'ଶ' ଓ ମୂର୍ଦ୍ଧଣ୍ୟ 'ଷ' ଧ୍ୱନିଗୁଡ଼ିକର ବାସ୍ତବ ସ୍ଥିତି ସଂପୂର୍ଣ୍ଣ ଅନୁପଲବ୍ଧ ହେଉଥିଲେ ହେଁ, ଏଗୁଡିକରଲିପିରୂପ ସ୍ୱରୂପ ସୃଷ୍ଟିଲାଭ

କରିଥିବା ବିଭିନ୍ନ ବର୍ଣ୍ଣର ସମାବେଶ ଓଡିଆ ବର୍ଣ୍ଣମାଳାରେ ଅନୁଭୂତ ହେଉଛି । ଲିଖିତ ଓଡିଆ ଭାଷା ପାଇଁ ଏହି ବର୍ଣ୍ଣଗୁଡ଼ିକର ଉପଯୋଗିତା ସ୍ୱୀକୃତ ହୋଇଥିବାରୁ, ଏଗୁଡ଼ିକୁ ଓଡିଆ ବର୍ଣ୍ଣମାଳାରୁ ବାଦ୍‌ଦେବା ସମ୍ଭବ ହୋଇପାରୁ ନାହିଁ । ଏହାର କାରଣ କିନ୍ତୁ ଅତ୍ୟନ୍ତ ସ୍ପଷ୍ଟ ।

ଓଡିଆ ଭାଷାରେ ବହୁଳ ଭାବେ ଗୃହୀତ ହୋଇଥିବା ତତ୍ସମ ପର୍ଯ୍ୟାୟର ଶବ୍ଦଗୁଡିକରେ ବନାନ ରକ୍ଷା ପାଇଁ ଉପରୋକ୍ତ ବର୍ଣ୍ଣଗୁଡ଼ିକ ଏକାନ୍ତ ଉପଯୋଗୀ ବର୍ଣ୍ଣ ଭାବେ ବହୁଳ ଭାବେ ବ୍ୟବହୃତ ହେଉଛନ୍ତି । ଏଥିରେ ବ୍ୟତିକ୍ରମ ଘଟିଲେ, ଅର୍ଥାତ୍ ହ୍ରସ୍ୱ 'ଇ' ବା ହ୍ରସ୍ୱ 'ଉ' ସ୍ଥାନରେ ଯଥାକ୍ରମେ ଦୀର୍ଘ 'ଈ' ବା ଦୀର୍ଘ 'ଊ'ର ପ୍ରୟୋଗ ଘଟିଲେ, କିମ୍ବା ବର୍ଗ୍ୟ'ଜ' ସ୍ଥାନରେ ଅବର୍ଗ୍ୟ 'ଯ'ର ବା ଦନ୍ତ୍ୟ 'ସ' ସ୍ଥାନରେ ତାଲବ୍ୟ 'ଶ' ବା ମୂର୍ଦ୍ଧଣ୍ୟ 'ଷ'ର ପ୍ରୟୋଗ ଘଟିଲେ, ବର୍ଣ୍ଣାଶୁଦ୍ଧି ଘଟିଛି ବୋଲି କୁହାଯାଉଛି । ଖାଲି ଏତିକି ନୁହେଁ, ଲିଖିତ ଓଡିଆ ଭାଷାରେ ଉପର୍ଯ୍ୟୁକ୍ତ ବର୍ଣ୍ଣଗୁଡ଼ିକ ମଧ୍ୟରେ ପାରସ୍ପରିକ ପରିବର୍ତ୍ତନ ଘଟିଲେ, ସାମଗ୍ରିକ ରୂପରେ ଶବ୍ଦଟିର ଅର୍ଥ ବଦଳି ଯିବା କୁହାଯାଉଛି । ମାତ୍ର ଭାଷା ବିଜ୍ଞାନ ଦୃଷ୍ଟିରୁ ଏଭଳି ବିବେଚନା ସଂପୂର୍ଣ୍ଣ ଭିତ୍ତିହୀନ ବୋଲି ମନେ ହୋଇଥାଏ । କାରଣ ଓଡିଆ ଅଭିଧାନଗୁଡିକରେ ସ୍ଥାନିତ ବା ସଂକଳିତ ହୋଇଥିବା 'ଦିନ' ଓ 'ଦୀନ' ଶବ୍ଦ ଦୁଇଟି କେବଳ ହ୍ସ୍ୱ-ଦୀର୍ଘର ପାର୍ଥକ୍ୟ ଦୃଷ୍ଟିରୁ ଯଥାକ୍ରମେ 'ଦିବସ' (ଦିନ:ହ୍ରସ୍ୱ 'ଇ') ଓ ଦରିଦ୍ର (ଦୀନ:ଦୀର୍ଘ'ଈ') ଅର୍ଥକୁ ବୁଝିବାରେ ସମର୍ଥ ହେଉଥିଲେ ହେଁ, ଏ ଉଭୟ କିନ୍ତୁ ଏକାପରି ଅର୍ଥାତ୍ କେବଳ ହ୍ରସ୍ୱ'ଇ' ରୂପେ ଉଚ୍ଚାରିତ ହୋଇଥାଏ । ଏପରିକି ନିର୍ଦ୍ଦିଷ୍ଟ ବାକ୍ୟ ମଧ୍ୟରେ ଉପର୍ଯ୍ୟୁକ୍ତ ଶବ୍ଦ ଦୁଇଟି ମଧ୍ୟରୁ ଗୋଟିକର ସ୍ଥାନରେ ଆଉ ଗୋଟିକର ପ୍ରୟୋଗ ବା ବ୍ୟବହାର ଘଟିଲେ, ସମଗ୍ର ବାକ୍ୟର ଅର୍ଥଗତ ଅଭିବ୍ୟକ୍ତି କ୍ଷେତ୍ରରେ କୌଣସି ଅସୁବିଧା ସୃଷ୍ଟି ହୁଏନାହିଁ । ଯଥା- 'ଦିନବାନ୍ଧବ ହରି' । ଏଥିରେ 'ଦିବସ' ଅର୍ଥ ପ୍ରକାଶକ 'ଦିନ' ଶବ୍ଦଟିର ପ୍ରୟୋଗ ଘଟିଥିଲେ ହେଁ, 'ବାନ୍ଧବ' ଶବ୍ଦ ପୂର୍ବରୁ ଏହା ପ୍ରଯୁକ୍ତ ହୋଇଥିବାରୁ ପ୍ରସଙ୍ଗ ଦୃଷ୍ଟିରୁ ଏହା 'ଦୀନ' (ଦିନ'ଭାବେ ଉଚ୍ଚାରିତ) ଅର୍ଥାତ୍ 'ଦରିଦ୍ର' (ଆଭିଧାନିକଅର୍ଥ) ଅର୍ଥକୁ ହିଁ ଏଠାରେ ପ୍ରକାଶ କରିବାରେ ସମର୍ଥ ହେଉଅଛି । ତେବେ ଏଭଳି ତ୍ରୁଟିପୂର୍ଣ୍ଣ ବ୍ୟବହାର ପାଇଁ ଲିଖିତ ଭାଷା ବର୍ଣ୍ଣାଶୁଦ୍ଧି ଦୋଷରେ ଦୋଷଦୁଷ୍ଟ ହୋଇପଡିଛି ବୋଲି କୁହାଯାଉଛି । କଥିତ ଓଡିଆରେ ଉଭୟ ଶବ୍ଦ(ଦୀନ ଓ ଦିନ) ସମାନ ଭାବେ ଉଚ୍ଚାରିତ ହେଉଥିଲେ ହେଁ, ଲିଖିତ ଭାଷାରେ ଏହା ରୂପଗତ ଭିନ୍ନତାକୁ ନେଇ ଭିନ୍ନଭିନ୍ନ ଅର୍ଥକୁ ପ୍ରକାଶ କରୁଛନ୍ତି । ମୂଳରୁ ଓଡିଆ ଭାଷାରେ ସମାନ ଭାବେ ଉଚ୍ଚାରିତ ହୋଇଆସିଥିବା, ମାତ୍ର ଭିନ୍ନଭିନ୍ନ ଅର୍ଥକୁ ବୁଝାଉଥିବା ଶବ୍ଦଗୁଡିକୁ 'ଭିନ୍ନାର୍ଥବୋଧକ ସମୋଚ୍ଚାରିତ ଶବ୍ଦ' ଭାବେ ଅଭିହିତ କରାଯାଉଛି ।

ଓଡିଆ ଶବ୍ଦଭଣ୍ଡାରରେ ଏଭଳି କେତେକ ଶବ୍ଦର ପ୍ରଚଳନ ରହିଥିବା ଦେଖିବାକୁ ମିଳୁଅଛି, ଯେଉଁ ଶବ୍ଦଗୁଡିକ ଅନେକ ଅର୍ଥରେ ବ୍ୟବହୃତ ହୋଇଥାନ୍ତି । ଏହି ପର୍ଯ୍ୟାୟର ଶବ୍ଦଗୁଡିକୁ ଅନେକାର୍ଥବୋଧକ ବା ଭିନ୍ନାର୍ଥବୋଧକ ଶବ୍ଦ କୁହାଯାଉଛି । ନିମ୍ନରେ ଦୁଇଗୋଟି ସ୍ୱତନ୍ତ୍ର ପର୍ଯ୍ୟାୟରେ ଓଡିଆ ସମୋଚ୍ଚାରିତ ଓ ଭିନ୍ନାର୍ଥବୋଧକ ଶବ୍ଦଗୁଡିକର ସ୍ୱରୂପ ତଥା ଅର୍ଥଗତ ବୈଶିଷ୍ଟ୍ୟ ସଂପର୍କରେ ସ୍ୱତନ୍ତ୍ର ଭାବେ ଆଲୋଚନା କରାଯିବ ।

## ୪.୪ ଓଡିଆ ସମୋଚ୍ଚାରିତ ଶବ୍ଦ

ଓଡିଆ ଭାଷାରେ ସଂସ୍କୃତରୁ ଗୃହୀତ ହୋଇଥିବା 'ତତ୍ସମ' ପର୍ଯ୍ୟାୟର କେତେକ ଶବ୍ଦଯୋଡି ମୂଳ ଉଚ୍ଚାରଣଗତ ଭିନ୍ନତାକୁ ପରିତ୍ୟାଗ କରି ସମାନ ରୂପରେ ଉଚ୍ଚାରିତ ହୋଇଥାନ୍ତି। କାରଣ ମୂଳ-ଶବ୍ଦ ଅନ୍ତର୍ଗତ କେତେକ ସଂସ୍କୃତ ଧ୍ୱନି ଓଡିଆମାନଙ୍କ ମୁଖର ଭାଷାରେ ଉପଲବ୍‌ଧ ହୁଏନାହିଁ। କଥିତ ଓଡିଆ ଭାଷାରେ ବିଭିନ୍ନ ଶବ୍ଦଯୋଡି ସମାନଭାବେ ଉଚ୍ଚାରିତ ହେଉଥିଲେ ହେଁ, ଲିଖିତ ଭାଷାରେ କିନ୍ତୁ ଏଗୁଡିକ ମୂଳ ରୂପରେ ଅଭିବ୍ୟକ୍ତ ହୋଇ ଅର୍ଥଗତ ଭିନ୍ନତା ପ୍ରକାଶ କରିଥାନ୍ତି। ଓଡିଆ ଭାଷାରେ ବ୍ୟବହୃତ ହେଉଥିବା ଏହି ପର୍ଯ୍ୟାୟର ଶବ୍ଦଗୁଡିକୁ 'ସମୋଚ୍ଚାରିତ ଶବ୍ଦ' କୁହାଯାଉଛି। 'ସୁତରାଂ'ଯେଉଁ ଶବ୍ଦଗୁଡିକ ଓଡିଆ ଭାଷାରେ ଏକାପରି ଉଚ୍ଚାରିତ ହେଉଥିଲେ ହେଁ, ମୂଳ-ଉତ୍ସ ଅନୁସାରେ ଭିନ୍ନଭିନ୍ନ ଅର୍ଥକୁ ପ୍ରକାଶ କରିଥାନ୍ତି; ସେଗୁଡ଼ିକୁ ସମୋଚାରିତ ଶବ୍ଦ କୁହାଯାଏ। ନିମ୍ନରେ ଏହି ପର୍ଯ୍ୟାୟର କେତେକ ଶବ୍ଦର ଦୃଷ୍ଟାନ୍ତ ବନ୍ଧନୀ ଅନ୍ତର୍ଭୁକ୍ତ ଅର୍ଥସହ ଅବତାରଣା କରାଗଲ। ଯଥା-

ଅନିଳ (ପବନ) : ଅନୀଳ (ଯାହା ନୀଳ ନୁହେଁ)

ଅଂସ (କାନ୍ଧ) : ଅଂଶ (ଭାଗ)

ଆଭାସ (ଇଙ୍ଗିତ) : ଆଭାଷ (ଭାଷଣ)

ଇତି (ଶେଷ) : ଇତି (ଅନାବୃଷ୍ଟି ରୂପକ ବିପର୍ଯ୍ୟୟ)

ଈଶ (ଈଶ୍ୱର) : ଈଷ (ଲଙ୍ଗଳର ଦଣ୍ଡ)

କାଳି (କଳାରଙ୍ଗ) : କାଳୀ (ଆଦ୍ୟାଶକ୍ତି ଭଗବତୀ)

କୁଳ (ବଂଶ) : କୂଳ (ସମୁଦ୍ର ବା ନଦୀ-ତଟ)

କୁଟ (ପର୍ବତ-ଶୃଙ୍ଗ) : କୂଟ (ମାୟା)

କୁଜନ (ମନ୍ଦ ଲୋକ) : କୂଜନ (ପକ୍ଷୀର କାକଳି)

କେସର (ପୁଷ୍ପ ମଧ୍ୟସ୍ଥ କେଶ ସଦୃଶ ଅଂଶ) : କେଶର (ସିଂହ ବା ଘୋଡା ବେକରେ ଥିବା ବାଳ)

କୋଟି (କୋଟିଏ ସଂଖ୍ୟା) : କୋଟୀ (ଅଗ୍ରଭାଗ ବା ଶୀର୍ଷ)

କୃତି (କାର୍ଯ୍ୟ) : କୃତୀ (ଦକ୍ଷ)

ଗିରିଶ (ମହାଦେବ) : ଗିରୀଶ (ଗିରିମାନଙ୍କ ମଧ୍ୟରେ ଶ୍ରେଷ୍ଠ/ ହିମାଳୟ)

ଗୁଣି (ତନ୍ତ୍ରବିଦ୍ୟା ): ଗୁଣୀ (ଗୁଣବାନ୍)

ଚିର (ଦୀର୍ଘକାଳ) : ଚୀର (ଚୀରାଲୁଗା)

ଚୁଡା (ଏକପ୍ରକାର ଖାଦ୍ୟ) : ଚୂଡା (ଶୀର୍ଷ ବା ଅଗ୍ରଭାଗ)

ଜବ (ବେଗ) : ଯବ (ଯଅ ଶସ୍ୟ)

ତରଣି (ସୂର୍ଯ୍ୟ) : ତରଣୀ (ନୌକା)

ଦିନ (ଦିବସ) : ଦୀନ (ଦରିଦ୍ର)

ଦ୍ୱିପ (ହାତୀ) : ଦ୍ୱୀପ (ଟାପୁ)

ନିତି (ପ୍ରତିଦିନ/ପ୍ରତ୍ୟହ) : ନୀତି (ନିୟମ ବା ବିଧାନ)

ନିବାର (ବାରଣ) : ନୀବାର (ତୃଣଧାନ୍ୟ ବିଶେଷ)

ପରସ୍ୱ (ପରଧନ) : ପରଶ୍ୱ (ପଅରିଦିନ)

ପରିକ୍ଷା (ପରିଚ୍ଛା ସେବକ) : ପରୀକ୍ଷା (ଉତ୍ତମ ରୂପେ ଦେଖିବା )

ପରି (ତୁଲ୍ୟ) : ପରୀ – (ଅପ୍ସରା)

ପାବନି (ପବନପୁତ୍ର) : ପାବନୀ (ପବିତ୍ରକାରିଣୀ)

ପୁତ (ପୁତ୍ର) : ପୂତ (ପବିତ୍ର)

ପୁର (ନଗର) : ପୂର (ପିଠାର ପୂର)

ପ୍ରତିକ୍ଷଣ (ସର୍ବଦା) : ପ୍ରତୀକ୍ଷଣ (ସମ୍ୟକ୍ ଦେଖିବା)

ବଳି (ଯଜ୍ଞାଦି ଉପଲକ୍ଷେ ହନ୍ତବ୍ୟ ପ୍ରାଣୀ) : ବଳୀ (ବଳଶାଳୀ)

ବାଳିଶ (ମୂର୍ଖ) : ବାଳୀଶ (ନାରୀରତ୍ନ)

ବିସ (ମୃଣାଳ) : ବିଷ (ଜହର)

ଯମକ (ଶବ୍ଦାଳଙ୍କାର ବିଶେଷ) : ଜମକ (ଆଡମ୍ବର)

ସକଳ (ସମସ୍ତ) : ଶକଳ (ଖଣ୍ଡ ବା ଅଂଶ)

ସକ୍ତ (ଆସକ୍ତ ବା ଅନୁରକ୍ତ) : ଶକ୍ତ (ଦୃଢ଼/ଟାଣ)

ସଙ୍କର (ବିଭିନ୍ନ ଜାତିର ମିଶ୍ରଣରେ ଜାତ ପ୍ରାଣୀ ବା ଉଦ୍ଭିଦ) : ଶଙ୍କର (ଶିବ)

ସପ୍ତ (ସାତ ସଂଖ୍ୟା) : ଶପ୍ତ (ଶାପଗ୍ରସ୍ତ)

ସବଳ (ବଳଶାଳୀ) : ଶବଳ (ନାନା ବର୍ଣ୍ଣବିଶିଷ୍ଟ)

ସମ (ସମାନ) : ଶମ (ଶାନ୍ତି)

ସର (ପୋଖରୀ/ଦୁଧସର) : ଶର (ଧନୁଶର)

ସିତ (ଶୁକ୍ଳ ବର୍ଣ୍ଣ) : ଶୀତ (ଥଣ୍ଡା)

ଶିଳ (ବଟାହେବା ନିମନ୍ତେ ବ୍ୟବହୃତ ପ୍ରସ୍ତର) : ଶୀଳ (ସ୍ୱଭାବ)

ଶିର (ମୁଣ୍ଡ) : ସୀର (ସିଆର)

ଶୁକ (ଶୁଆପକ୍ଷୀ) : ଶୂକ (ଶସ୍ୟାଦିର ସୂକ୍ଷ୍ମ ଅଗ୍ରଭାଗ)

ଶୁକର (ଘୁଷୁରି) : ସୁକର (ସହଜ)

ଶୁକ୍ତି (ଶାମୁକା) : ସୂକ୍ତି (ନୀତିବାକ୍ୟ)

ଶୁଚି(ଶୁଦ୍ଧ ବା ପବିତ୍ର) : ସୂଚୀ (ତାଲିକା/ ଛୁଞ୍ଚି)

ସୁତ (ପୁତ୍ର) : ସୂତ (ସାରଥି)

ସୁତା (କନ୍ୟା): ସୂତା (ଡୋର)

ସୁର (ଦେବତା) : ଶୂର (ବୀର)

ସ୍ରବଣ (କ୍ଷରଣ/ଝରିବା): ଶ୍ରବଣ (କାନ) ପ୍ରଭୃତି।

## ୪.୫ ଭିନ୍ନାର୍ଥବୋଧକ ବା ବିଭିନ୍ନାର୍ଥକ ଶବ୍ଦ

ଓଡିଆ ଶବ୍ଦଭଣ୍ଡାରରେ ଏଭଳି କେତେକ ଶବ୍ଦର ସାକ୍ଷାତ ମିଳୁଅଛି, ଯେଉଁ ଶବ୍ଦଗୁଡିକ ଅନେକ ଅର୍ଥରେ ବ୍ୟବହୃତ ହେଉଥିବା ଦେଖାଯାଏ। ବିଶେଷକରି ଏହି ଅନେକାର୍ଥକ ବା ବହୁ ଅର୍ଥପ୍ରକାଶକ ଶବ୍ଦଗୁଡିକର ଅର୍ଥ କେଉଁଠି କ'ଣ, ତାହା ପ୍ରସଙ୍ଗ ଭିତ୍ତିରେ ଜଣାପଡିଥାଏ।

କବି ଉପେନ୍ଦ୍ର ଭଞ୍ଜ, ତାଙ୍କ ରଚିତ 'ଲାବଣ୍ୟବତୀ' କାବ୍ୟର ପ୍ରଥମ ଛାନ୍ଦ ଅନ୍ତର୍ଗତ ୩୩ଓ ୩୪ତମ ପଦରେ ଲାବଣ୍ୟବତୀର ସୌନ୍ଦର୍ଯ୍ୟ ବର୍ଣ୍ଣନା ଅବକାଶରେ 'ଚନ୍ଦ୍ର', 'ସାରଙ୍ଗ'ଓ 'ହରି' ପ୍ରଭୃତି ଶବ୍ଦଗୁଡିକୁ ତିନୋଟି ଅର୍ଥରେ ପ୍ରୟୋଗ କରିଥିବା ଦେଖିବାକୁ ମିଳିଥାଏ। ଏଥିରେ ନିମ୍ନଲିଖିତ ରୂପେ ଉପର୍ଯ୍ୟୁକ୍ତ ଶବ୍ଦ ତିନୋଟିକୁ ତିନୋଟି ଲେଖାଏଁ ଭିନ୍ନଭିନ୍ନ ଅର୍ଥ ଦୃଷ୍ଟିରୁ ପ୍ରୟୋଗ କରିଥିବା ଲକ୍ଷ୍ୟ କରାଯାଏ। ଭଞ୍ଜ କବିଙ୍କ ବର୍ଣ୍ଣନାରେ -

ଚନ୍ଦ୍ରକୁ ନିନ୍ଦା କରୁଛି ମୁଖ ହାସ କାନ୍ତି

ସାରଙ୍ଗକୁ ନିନ୍ଦୁଛି ନୟନ ଭୂରୁ ଗତି।

ନାସା-ମଧ୍ୟ-ଓଷ୍ଠ ନିନ୍ଦେ ତରୁଣ ହରିକି।

ଅପବାଦ ଅପସରି ଲକ୍ଷ୍ୟ ସେ ନାରୀକି ଯେ।

(ଲାବଣ୍ୟବତୀ, ୧/୩୩-୩୪)

ଏଠାରେ 'ଚନ୍ଦ୍ର' ଶବ୍ଦଟି ଚନ୍ଦ୍ରମା, କର୍ପୂର ଓ ସୁବର୍ଣ୍ଣ ଅର୍ଥରେ; 'ସାରଙ୍ଗ' ଶବ୍ଦଟି ମୃଗ, ଧନୁ ଓ ମତ୍ତହସ୍ତୀ ଅର୍ଥରେ, 'ହରି' ଶବ୍ଦଟି ଶୁଆ, ସିଂହ ଓ ସୂର୍ଯ୍ୟ ଅର୍ଥରେ ଭଞ୍ଜ କବିଙ୍କଦ୍ୱାରା ବ୍ୟବହୃତ ହୋଇଥିବା ଜଣାପଡିଥାଏ। ଏହି ପର୍ଯ୍ୟାୟର ବହୁ ଶବ୍ଦ ଓଡିଆ ଭାଷାରେ ବିଭିନ୍ନ ପ୍ରସଙ୍ଗରେ ବ୍ୟବହୃତ ହୋଇ ପ୍ରସଙ୍ଗ ଆଧାରିତ ଭିନ୍ନଭିନ୍ନ ଅର୍ଥ ପ୍ରକାଶ କରୁଥିବା ଦେଖିବାକୁ ମିଳିଥାଏ। ସୁତରାଂ -

ଯେଉଁ ଶବ୍ଦଗୁଡିକ ଓଡିଆ ଭାଷାରେ ଏକାଧିକ ଅର୍ଥରେ ବ୍ୟବହୃତହେଉଥିବା ଦେଖଯାଏ, ସେସବୁକୁ ବିଭିନ୍ନାର୍ଥବୋଧକ ବା ବହୁ ଅର୍ଥବୋଧକ ଶବ୍ଦ କୁହାଯାଏ। ଓଡିଆ ଭାଷାରେ ବ୍ୟବହୃତ ହେଉଥିବା ଏହି ପର୍ଯ୍ୟାୟର କେତେକ ବିଭିନ୍ନାର୍ଥକ ଶବ୍ଦ ଓ ସେସବୁର ବିଭିନ୍ନ ଅର୍ଥ ନିମ୍ନରେ ଉପସ୍ଥାପନ କରାଗଲା। ଯଥା -

ଅଙ୍କ : ଗଣନା, ଗଣିତ, ଚିହ୍ନ, ନାଟକର ବିଭାଗ, ଗଜପତି ରାଜାଙ୍କ ବର୍ଷଗଣନା, ସଂଖ୍ୟା।

ଅର୍ଥ : ଅଭିଳାଷ, ଉଦ୍ଦେଶ୍ୟ, ଟଙ୍କାପଇସା, ପ୍ରୟୋଜନ, ମାନେ।

ଅମଳ : ଆମଦାନି, ମାଦକ ଦ୍ରବ୍ୟର ଅଭ୍ୟାସ, ରାଜୁତି।

ଅମ୍ବର : ଆକାଶ, ବସ୍ତ୍ର।

ଉତ୍ତର : ଦିଗ ବିଶେଷ, ପରବର୍ତ୍ତୀ, ପ୍ରଶ୍ନ ବା ଚିଠିର ଜବାବ।

ଓଳି : ଘର-ଚାଳର ସବା ତଳଅଂଶ, ଦିବାଭାଗର ଅଧାସମୟ, ମାଟିନିର୍ମିତ କ୍ଷୁଦ୍ର ପାତ୍ରବିଶେଷ।

କଟକ : ପାଦର ବଳା, ରାଜଧାନୀ, ଶିବିର, ହାତର ବଳୟ।

କର : କିରଣ, ରାଜସ୍ୱ ବା ଖଜଣା, ହାତ, ହସ୍ତୀର ଶୁଣ୍ଢ।

କଳ : ଦାନ୍ତ ଓ ଗାଲ ମଧ୍ୟସ୍ଥ ଗର୍ତ୍ତ, ଯନ୍ତ୍ର, ଅସ୍ଫୁଟ ଶବ୍ଦ।

କଳା : ଅଳନ୍ଧୁ,କଜ୍ଜଳ, କୃଷ୍ଣବର୍ଣ୍ଣ, ଚନ୍ଦ୍ରର ଷୋଳ ଭାଗରୁ ଏକଭାଗ, ଲକ୍ଷଣ, ସଙ୍ଗୀତ-ଶିଳ୍ପାଦି ବିଦ୍ୟା।

କଳି : କଜିଆ, କଳିଯୁଗ, ଫୁଲକଢ଼ି, ଶତ୍ରୁତା।

କାତି : ଛୋଟଛୁରୀ, ମାଛ ଦେହର ଆବରଣ, ସାପ ଦେହର ଖୋଳପା।

କାଳ : ଦୁର୍ଭିକ୍ଷ, ମୃତ୍ୟୁ, ଯମ, ସମୟ।

କାଳି : ଉଧାର, କଳଙ୍କ, କଳାରଙ୍ଗ, ସ୍ୟାହି।

ଖଞ୍ଜା : ଉପାୟ, ଛୋଟା, ଢଙ୍ଗ,ଫିକର, ଲେଙ୍ଗଡା।

ଗଣ୍ଡ : ଆଦିବାସୀମାନଙ୍କର ଏକ ଶ୍ରେଣୀ ବା ଜାତି, ଗଭୀର ଜଳଯୁକ୍ତ ସ୍ଥାନ, ଖାଲ, ନିର୍ବୋଧ ବ୍ୟକ୍ତି, ହସ୍ତୀ-କପୋଳ।

ଗୁଣ : ଔଷଧର ପ୍ରଭାବ ବା ଉପକାର, ଗୁଣନ, ଧନୁର ଜ୍ୟା, ସତ୍ୱ-ରଜ-ତମାଦି ପ୍ରାକୃତିକ ଧର୍ମ।

ଗୁରୁ : ଓଜନିଆ, ପୂଜନୀୟ ବ୍ୟକ୍ତି, ଦୀକ୍ଷାଦାତା, ଦେବଗୁରୁ ବୃହସ୍ପତି, ଶିକ୍ଷାଦାତା।

ଘଡି : ଉତ୍ସବର ସମୟ ବା କାଳ, କ୍ଷୁଦ୍ର ମାଟି ନିର୍ମିତ ପାତ୍ର, ଘଣ୍ଟା।

ଘନ : ଗହଳିଆ, ଗାଢ଼, ଘଞ୍ଚ, ନିବିଡ଼, ମେଘ।

ଚନ୍ଦ୍ର : କର୍ପୂର, ଜଳ, ମୟୂରଚନ୍ଦ୍ରିକା, ସ୍ୱର୍ଣ୍ଣ, ହୀରକ।

ଛନ୍ଦ : ଗାଈଗୋଡ଼ରେ ବନ୍ଧାହେଉଥିବା ଦଉଡି, ଛଳନା, ପଦ୍ୟର ରାଗ।

ତାଳ : ଗୀତ ଓ ବାଦ୍ୟାଦିର ତାଳ, ପୁରୁଷେ ଉଚ୍ଚତାର ପରିମାପ, ଫଳ ବିଶେଷ।

ଦଣ୍ଡ : ଚବିଶ ମିନିଟ୍ ସମୟ, ଜୋରିମାନା, (ଦଣ୍ଡ) ନୃତ୍ୟ ବିଶେଷ, ଲାଠି, ଶାସ୍ତି।

ଦଳ : ଅସ୍ତ୍ର-ଫଳକ, ଜଳଜ ତୃଣ, ପତ୍ର, ପଲ, ପାଖୁଡ଼ା ।

ଦ୍ୱିଜ : ଡିମ୍ବଜାତ ପ୍ରାଣୀ, ଦାନ୍ତ, ବ୍ରାହ୍ମଣ ।

ଧାର : କ୍ଷୀଣ ଜଳଧାରା, ଦାଢ଼, ପ୍ରାନ୍ତ, ସୁଧଶୂନ୍ୟ ଋଣ ।

ନାଳ : କୃତ୍ରିମ ନଦୀ ବା କେନାଲ, ପାଣି ବହିଯିବାର ପହଣି ବା ନାଳ, ପେଟ ମଧ୍ୟସ୍ଥ ଆମରସ, ମୃଣାଳ, ଲାଳ ।

ପଟ : କଦଳୀ-ପଟୁକା, କିଆ-ଚେର, ତରଫ, ଦଳ ବା ପକ୍ଷ, ପଶାକାଠିରେ ପଡ଼ିବା ଦାନ, ବୃକ୍ଷର ବଲ୍‌କଳ ।

ପର : ଅନ୍ୟ, ପକ୍ଷୀର ପକ୍ଷ, ପରେ, ଭିନ୍ନ, ଶତ୍ରୁ ।

ପକ୍ଷ : ଡେଣା, ତରଫ, ଦଳ, ପର, ମାସାର୍ଦ୍ଧ ।

ପାଗ : ଋତୁର ପ୍ରାକୃତିକ ଅବସ୍ଥା, କୃଷିର ଅନୁକୂଳ ଅବସ୍ଥା, ଠେକା, ପାକ-ପାତ୍ରର ଏକ ସଜ ।

ପାଣି : ଜଳ, ଦୋକାନ, ହାତ, ହାଟ, ଚାଷାଦି କାର୍ଯ୍ୟରେ ବଳଦ-ନିଯୁକ୍ତିର ବର୍ଷ ହିସାବ ।

ପିତା : ତିକ୍ତ, ପିତୃସ୍ଥାନୀୟ ବ୍ୟକ୍ତି, ବାପା ।

ଫଳ : ଖଡ଼୍‌ଗାଦିର ପତ୍ର, କାର୍ଯ୍ୟସିଦ୍ଧି, ଫଳକ, ବାଣର ଅଗ୍ରଭାଗସ୍ଥ ଲୌହ, ବୃକ୍ଷାଦିଜାତ ଶସ୍ୟ, ଲାଭ ।

ବର୍ଣ୍ଣ : ଅକ୍ଷର, ଅଙ୍ଗରାଗ,ଜାତି, ସୌନ୍ଦର୍ଯ୍ୟ ।

ବନ : ଅରଣ୍ୟ, କୁଞ୍ଜ, ଜଳ, ପୁଷ୍ପ -ଉପବନ, ବଣ ।

ବର : ଆଶୀର୍ବାଦ, ଜାମାତା, ବଟବୃକ୍ଷ, ବିବାହର ପାତ୍ର, ଶ୍ରେଷ୍ଠ ।

ବାସ : ଗୃହ, ବସ୍ତ୍ର, ସୁଗନ୍ଧ ।

ଭୂତ : ଅତୀତ, ପ୍ରାଣୀ, ପ୍ରେତ, ଶରୀରର ପଞ୍ଚମୌଳିକ ଉପାଦାନ, ଶିବାନୁଚର ।

ମଧୁ : ଜଳ, ଚୈତ୍ରମାସ, ପୁଷ୍ପରସ, ମଦ୍ୟ, ମହୁ ।

ମଧୁର : ମିଷ୍ଟରସଯୁକ୍ତ, ମାଧୁର୍ଯ୍ୟଯୁକ୍ତ, ଶାନ୍ତ, ସୁନ୍ଦର ।

ଯାଦୁ : ଇନ୍ଦ୍ରଜାଲ, କୁହୁକ, ଚର୍ମରୋଗ ବିଶେଷ, ବଶୀକରଣ ବିଦ୍ୟା ।

ରାଗ : ଅନୁରାଗ, ଆଶକ୍ତି, କ୍ରୋଧ, ଲଙ୍କାମରିଚ, ସଙ୍ଗୀତର ସ୍ୱର ।

ସାୟକ : ବାଣ, ଖଡ଼୍‌ଗ ।

ସାରଙ୍ଗ : କନ୍ଦର୍ପ, କର୍ପୂର, କୋକିଳ, ଚନ୍ଦନ, ଚାତକ ପକ୍ଷୀ, ପଦ୍ମ, ଭ୍ରମର, ମୟୂର, ମେଘ, ରାଜହଂସ, ସିଂହ, ସ୍ୱର୍ଣ୍ଣ, ଶଙ୍ଖ ।

ହରି : ଅଗ୍ନି, ଅଶ୍ୱ, ଇନ୍ଦ୍ର, କୋକିଳ, ଚନ୍ଦ୍ର, ବାନର, ବାୟୁ, ବିଷ୍ଣୁ, ବ୍ରହ୍ମା, ଭେକ, ମୟୂର, ଯମ, ସର୍ପ, ସିଂହ, ସୂର୍ଯ୍ୟ, ଶୁଆ, ହଂସ ।

ହାର : ଅନୁପାତ, ଦର, ଭାଗ, ମାଳା, ହିସାବ ।

ହେଳା : ଅନାଦର, ଅନାୟାସ, ଅବଜ୍ଞା, ଅଶ୍ରଦ୍ଧା, ଘୃଣା, ଡେରି, ବିଳମ୍ବ ।

ହୈମବତୀ : ଉମା, ଗଙ୍ଗା, ଦୁର୍ଗା, ପାର୍ବତୀ, ହରୀତକୀ ପ୍ରଭୃତି ।

## ୪.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**୧. ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ ।**

କ) ଓଡିଆ ସମୋଚ୍ଚାରିତ ଶବ୍ଦଗୁଡିକର ପରିଚୟ ଦିଅ ।

ଖ) ଓଡିଆ ସମୋଚ୍ଚାରିତ ଶବ୍ଦଗୁଡିକ କିପରି ଭିନ୍ନ ଅର୍ଥ ପ୍ରକାଶ କରିବାରେ ସମର୍ଥ ହେଉଛନ୍ତି, ସଦୃଷ୍ଟାନ୍ତ ଆଲୋଚନା କର ।

ଗ) ଓଡିଆ ଭାଷା ଅନ୍ତର୍ଗତ ବିଭିନ୍ନ ଶବ୍ଦ ବହୁ ଅର୍ଥ-ପ୍ରକାଶରେ ସମର୍ଥ ହୋଇଥାନ୍ତି-କିପରି, ସଦୃଷ୍ଟାନ୍ତ ବୁଝାଇ ଦିଅ ।

**୨. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ ।**

କ) ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦଗୁଡ଼ିକର ଅର୍ଥଗତ ପାର୍ଥକ୍ୟ ଦର୍ଶାଅ ।

ଗିରିଶ : ଗିରୀଶ, ଦିନ:ଦୀନ, ବିସ: ବିଷ, ଯମକ:ଜମକ, ସୁତ:ସୂତ ।

ଖ) ନିମ୍ନଲିଖିତ ଶବ୍ଦଗୁଡିକୁ ଦୁଇଟି ଲେଖାଏଁ ବାକ୍ୟ ମାଧ୍ୟମରେ ଭିନ୍ନଭିନ୍ନ ଅର୍ଥରେ ପ୍ରୟୋଗ କର ।

ଓଳି, ପର, ଫଳ, ବର, ତାଳ ।

## ୪.୭ ସହାୟକ ଗ୍ରନ୍ଥସୂଚୀ


- ସର୍ବସାର ବ୍ୟାକରଣ - ପଣ୍ଡିତ ନାରାୟଣ ମହାପାତ୍ର ଓ ଶ୍ରୀଧର ଦାସ
- ବ୍ୟାବହାରିକ ଓଡିଆ ବ୍ୟାକରଣ - ଡକ୍ଟର ହର ପ୍ରସାଦ ମିଶ୍ର
- ଆଧୁନିକ ଓଡିଆ ବ୍ୟାକରଣ - ଡକ୍ଟର ଧନେଶ୍ୱର ମହାପାତ୍ର
- ସାରସ୍ୱତ ବ୍ୟାବହାରିକ ଓଡିଆ ବ୍ୟାକରଣ -ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ।


❑❑❑